# ସିଧାମୂଳାରେ ମେଧା ସମ୍ମାନ ଉତ୍ସବ



ଖଣ୍ଡପଡ଼ା,୧୭।୮ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗୋକୁଳାନନ୍ଦ ଜୀଉ ବିଦ୍ୟାମନ୍ଦିରରେ ୨୦୨୩ ମାଧ୍ୟମିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀଙ୍କୁ ସମ୍ମାନୀତ କରାଯାଇଛି । ଏ ଉପଲକ୍ଷେ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କୃତୀତ୍ୱ ହାସଲ କରିଥିବା ଛାତ୍ରୀ ଲକ୍ଷ୍ମୀପ୍ରିୟା ମନ୍ତ୍ରୀ ଓ ଶୁଭଶ୍ରୀ ସ୍ୱାଇଁଙ୍କୁ ସମ୍ମାନୀତ କରାଯାଇଥିଲା । ସୂଚନାଯୋଗ୍ୟ, ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ଷଡ଼ଙ୍ଗୀଙ୍କ ଦ୍ୱାରା ଏହି ମେଧାବୃତ୍ତି ପ୍ରତିବର୍ଷ ପ୍ରଦାନ କରାଯାଇଥାଏ ।

# ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ

ଭାପୁର,୧୭।୮ (ଭରତ କୁମାର ବେହେରା)

## ମେଡିକାଲ ଅଫିସରଙ୍କ ସହ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତାଙ୍କ ଆଲୋଚନା

ନୟାଗଡ଼ ଜିଲା ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ସମସ୍ୟାର ସମାଧାନ ସମ୍ପର୍କରେ ଭାପୁର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମେଡ଼ିକାଲ ମୁଖ୍ୟ ଅଫିସରଙ୍କ ସହିତ ଆଲୋଚନା କରାଯାଇଥିଲା । ଭାପୁର କ୍ରିୟାନୁଷ୍ଠାନ କମିଟିର ସଭାପତି ରବିନ୍ଦ୍ର କୁମାର ପଟ୍ଟନାୟକଙ୍କ ସମେତ ସମ୍ପାଦକ ପ୍ରଭାକର ସାହୁ, ଲକ୍ଷ୍ମୀଧର ସାମନ୍ତରାୟ, ମୁକୁନ୍ଦ ସାହୁ, ଲକ୍ଷ୍ମୀଧର ମହାପାତ୍ର, ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡ. ବିଶ୍ୱନାଥ ସାହୁଙ୍କ ସହ ଆଲୋଚନା କରିଥିଲେ । ରୋଗୀମାନଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପ୍ରଦାନ, ନିରାମୟ କେନ୍ଦ୍ରରୁ ସୁବିଧାରେ ରୋଗୀଙ୍କୁ ଔଷଧ ପ୍ରଦାନ, ଡାକ୍ତରଖାନାରେ ଉପଲବ୍ଧ ଆୟୁର୍ବେଦିକ ଔଷଧ ବିତରଣ କରିବା, ଡାକ୍ତରଖାନାରେ ପାଳିରେ ଡ୍ୟୁଟି ନ କରି ସମସ୍ତ ଡାକ୍ତର ନିୟମିତ କାର୍ଯ୍ୟ କରିବା, ଡାକ୍ତର ରୋଗୀ ଦେଖୁଥିବା ବେଳେ କୌଣସି ମେଡ଼ିସିନ ରିପ୍ରେଜେଣ୍ଟିଭ ଡାକ୍ତରଙ୍କୁ ସାକ୍ଷାତ ନ କରିବା, ମେଡିକାଲରେ ଅଚଳ ପଡ଼ିଥିବା ୩ ଆକ୍ୱାଗାର୍ଡ ମେଶିନକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା , ରୋଗୀମାନଙ୍କ ବିଛଣାରେ ପଡିଥିବା ବେଡ୍‌ସିଟ୍ ବଦଳେଇବା, ୱାର୍ଡରେ ଏସି ବ୍ୟବସ୍ଥା କରିବା, ମେଡ଼ିକାଲରେ ଦୀର୍ଘ ଦିନ ଧରି ଖାଲିପଡ଼ିଥିବା ଡାକ୍ତର ଷ୍ଟାଫନର୍ସ ଓ ଅନ୍ୟ ପଦବୀଗୁଡିକ ତୁରନ୍ତ ପୂରଣ କରାଯିବା ସମ୍ପର୍କରେ ଆଲୋଚନା ହୋଇଥିଲା । ଏକମାସ ମଧ୍ୟରେ ଏସବୁ ସମସ୍ୟାର ସମାଧାନ ନ ହେଲେ କ୍ରିୟାନୁଷ୍ଠାନ କମିଟି ତରଫରୁ ଆନ୍ଦୋଳନପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା ।

# ବିଧାୟକଙ୍କ ଦ୍ୱାରା ୨୨୫୯ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ

ଓଡ଼ଗାଁ,୧୭।୮ (ଆଦର୍ଶ କୁମାର ପଟ୍ଟନାୟକ)

ମଙ୍ଗଳବାର ଓ ବୁଧବାର ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଓଡ଼ଗାଁ ଏନଏସି ଓ ଓଡ଼ଗାଁ ବ୍ଲକ ଅଧୀନ ଜିଲା ପରିଷଦ ଜୋନ ୧ ଓ ୨ରେ ସମୁଦାୟ ୨୨୫୯ ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଛନ୍ତି । ମଙ୍ଗଳବାର ସ୍ଥାନୀୟ ସରକାରୀ କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ୭୫ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ୧୦ଜଣଙ୍କୁ ବିଧବା ଭତ୍ତା, ୧୦ଜଣଙ୍କୁ ଭିନ୍ନକ୍ଷମ ଭତ୍ତା ଓ ୨ଜଣଙ୍କୁ ଅବିବାହିତ ଭତ୍ତା ପ୍ରଦାନ କରିଥିଲେ । ଏହା ସହିତ କେତେଜଣ ହିତାଧିକାରୀଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ । ସେହିପରି ବୁଧବାର ଜିଲା ପରିଷଦ ଜୋନ-୧ ଅଧୀନ କୁରାଳ ଓ ଜିଲା ପରିଷଦ ଜୋନ୍-୨ ଅଧୀନ ନନ୍ଦିଘୋରଠାରେ ଆୟୋଜିତ ଭତ୍ତା ମେଳାରେ ବିଧାୟକ ସାହୁ ଭତ୍ତା ପ୍ରଦାନ କରିଥିଲେ । କୁରାଳରେ ୧୧୧୩ ଓ ନନ୍ଦିଘୋରରେ ୧୦୫୦ ହିତାଧକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିବା ବ୍ଲକ୍ ସୂତ୍ରରୁ ସୂଚନା ମିଳିଛି । ଏହି କାର୍ଯ୍ୟକ୍ରମରେ ବିଧାୟଙ୍କ ସହିତ ବ୍ଲକ ଅଧକ୍ଷ ଲୋକନାଥ ସାହୁ, ବିଡିଓ ତଥା ଏନଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା, ଉପଧ୍ୟକ୍ଷା ମୀରା ନାୟକ, ଜିଲାପରିଷଦ ସଦସ୍ୟା ଝିଲି ପ୍ରଧାନ ଓ ବିରଜାଲକ୍ଷ୍ମୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଧିକାରୀ ନାହାନ୍ତି, କାର୍ଯ୍ୟାଳୟ ଭୂତକୋଠି

ନୟାଗଡ଼,୧୭।୮ (ଲୋକନାଥ ମିଶ୍ର)

## ପର୍ଯ୍ୟଟନ ମନ୍ତ୍ରୀଙ୍କ ସମୀକ୍ଷା ପ୍ରହସନ : କଂଗ୍ରେସ

ନୟାଗଡ଼ ଜିଲାରେ ୩ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ପର୍ଯ୍ୟଟନ କାର୍ଯ୍ୟାଳୟ ଭୂତକୋଠିରେ ପରିଣତ ହୋଇଛି । ସେହିପରି ଜୁନ ମାସରୁ ପର୍ଯ୍ୟଟନ ଅଧିକାରୀ ଅବସର ନେଇଥିବା ବେଳେ ଜିଲା ପର୍ଯ୍ୟଟନ ଅଧିକାରୀଭାବେ ଖୋର୍ଦ୍ଧା ଜିଲା ପର୍ଯ୍ୟଟନ ଅଧିକାରୀ ଦାୟିତ୍ୱ ତୁଲାଉଛନ୍ତି । ଅତିରିକ୍ତ ଦାୟିତ୍ୱରେ ଥିବାରୁ ଜିଲା ପର୍ଯ୍ୟଟନ ଅଧିକାରୀ ନୟାଗଡ଼ ପାଇଁ ସମୟ ଦେଇ ପାରୁ ନାହାନ୍ତି । ଏଣୁ ପର୍ଯ୍ୟଟନ କ୍ଷେତ୍ରରେ ନୟାଗଡ଼ ଜିଲା ଉପେକ୍ଷିତ ହୋଇ ରହିଛି । ଏହି ପରିପ୍ରେକ୍ଷୀରେ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ସମୀକ୍ଷା ନୟାଗଡ଼ ଜିଲାବାସୀଙ୍କୁ ଭୁଆଁ ବୁଲାଇବାକୁ ଚେଷ୍ଟା କରିଛନ୍ତି ବୋଲି ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ କହିଛନ୍ତି । ପର୍ଯ୍ୟଟନ ମନ୍ତ୍ରୀଙ୍କ ଜିଲା ଗସ୍ତ ଏବଂ ସମୀକ୍ଷା କାର୍ଯ୍ୟାକ୍ରମକୁ ଜିଲା କଂଗ୍ରେସ ପକ୍ଷରୁ ନିନ୍ଦା କରାଯାଇଛି । ଏଭଳି ଲୋକ ଦେଖାଣିଆ କାର୍ଯ୍ୟକ୍ରମ କରି ଜିଲାବାସୀଙ୍କୁ ଭ୍ରମିତ କରିବାର କାରଣ କ'ଣ ବୋଲି ନୟାଗଡ଼ ବିଧାୟକ ଉତ୍ତର ଦିଅନ୍ତୁ ବୋଲି ଜିଲା କଂଗ୍ରେସ ଦାବି କରିଛି ।

**ଦ.ପୂ. ରେଳପଥ - ଟେଣ୍ଡର**

**ଟେଣ୍ଡରବିଜ୍ଞପ୍ତିନଂ.:ଏମ୍‌ଇସିଏଚ୍‌ସିକେପି-୨୩-୨୪-୨୧, ତାରିଖ: ୧୬।୦୮।୨୦୨୩ ।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ମେକାନିକାଲ), ଦ.ପୂ. ରେଳପଥ, ଚକ୍ରଧରପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** କୋଚିଂ ଡିପୋ ରାଉରକେଲାର ୨୫୦ କେଭିଏ ଜ୍ୟାକ୍‌ସନ ମେକ୍ (ଇଞ୍ଜିନ-କମିନ୍ସ) ଡିଜିର ମରାମତି । **ଟେଣ୍ଡର ମୂଲ୍ୟ:** ₹୫,୧୮,୦୪୦.୪୮; **ବିଡ୍ ଅମାନତ:** ₹୧୦,୪୦୦/- । **ଟେଣ୍ଡର ଫର୍ମ ମୂଲ୍ୟ:** ₹ ଶୂନ୍ୟ । **ଟେଣ୍ଡର ଖୋଲାଯିବାର ସ୍ଥାନ:** ସିନିୟର ଡିଭିଜନାଲ ମେକାନିକାଲ ଇଞ୍ଜିନିୟର/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ କାର୍ଯ୍ୟାଳୟ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ୦୫।୦୯।୨୦୨୩ ୧୫.୦୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ ।
(PR-520)

**PARADIP COLLEGE**
Paradip, Jagatsinghpur, Odisha-754142
**WALK IN INTERVIEW**
Candidates securing minimum 55% of marks in P.G. level can walk in for interview on **26.08.2023 at 10.00 A.M.** with their Biodata and certificates for Guest Faculty in **Economics, Pol. Science, Botany & Mathematics** at Paradip College, Paradip. They are to deposit Rs.200/- (Rupees two hundred) only in the cash counter of the college for the purpose.
**Sd./- Principal-cum-Secretary**
**Paradip College, Paradip**

# ୨୩୬୧ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ନୂଆଗାଁ,୧୭।୮ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କାର୍ଯ୍ୟାଳୟ ଓ ଅନ୍ୟ ୩ ସ୍ଥାନରେ ବୁଧବାର, ଗୁରୁବାର ଦୁଇ ଧରି ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ନୂଆଗାଁ ବ୍ଲକର ମୋଟ ୨୩୬୧ ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି । ଗୁରୁବାର ନୂଆଗାଁ ବ୍ଲକ ଭିରୁଡା ରାମଚଣ୍ଡୀ କଲ୍ୟାଣ ମଣ୍ଡପ ଠାରେ ଖଣ୍ଡୁଗାଁ, ମାଳିସାହି, ଢେଙ୍କେଣା, ଚାହାଳୀ, ଦୁର୍ଦ୍ଧୁରା, ବଡଗୋଠ, ମହିପୁର ଏବଂ ଗାତେରୀ ପଞ୍ଚାୟତର ୮୬୯ ଜଣ ହିତାଧିକାରୀଙ୍କୁ ଭତ୍ତା ଦିଆଯାଇଥିଲା । ପରେ ବାହାଡାଝୋଲା କଲ୍ୟାଣ ମଣ୍ଡପଠାରେ ସିଙ୍ଗାରପଲ୍ଲୀ, ବାହାଡାଝୋଲା, ବେରୁଆଁବାରୀ ଏବଂ ହରିପୁର ପଞ୍ଚାୟତର ୫୧୨ ଜଣ ହିତାଧିକାରୀଙ୍କୁ ଭତ୍ତା ଦିଆଯାଇଥିଲା । ସେହିପରି ବୁଧବାର ନୂଆଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ପାରାଡିପି, ମାଇଛେଳି, ନୂଆଗାଁ, କୋରଡା, ସୋରାଡା, ସିକ୍ରିଡା ଓ ଉଦୟପୁର ପଞ୍ଚାୟତର ୯୮୦ ଜଣ ହିତାଧିକାରୀଙ୍କୁ ଭତ୍ତା ଦିଆଯାଇଥିବା ବେଳେ ଗୁମୀ ପଞ୍ଚାୟତ ବରକୋଳା ଫରେଷ୍ଟ ବଙ୍ଗଳାଠାରେ ୧୭୭ ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ବିଡିଓ ସଚ୍ଚିଦାନନ୍ଦ ମିଶ୍ର, ସାମାଜିକ ସୁରକ୍ଷା ଅଧିକାରୀ ସ୍ୱର୍ଣ୍ଣ ସାରିକା ଜେନା, କନିଷ୍ଠ ସହାୟକ ରଘୁନାଥ ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଏବଂ ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେ ।




ଜଣେ ବୃଦ୍ଧଙ୍କୁ ଭତ୍ତା ପ୍ରଦାନ କରାଯାଉଛି ।

**ଉଭିଦ କିସମ ଏବଂ କୃଷକ ଅଧିକାର ସୁରକ୍ଷା ପ୍ରାଧିକରଣ**
(ସଂସଦର ଏକ ଅଧିନିୟମ ଦ୍ୱାରା ଗଠିତ ଏକ ବୈଧାନିକ ସଂସ୍ଥା)
କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର
ଏନ୍‌ଏଏସ୍‌ସି କମ୍ପ୍ଲେକ୍ସ, ଡିପିଏସ୍ ମାର୍ଗ,
ତୋଡାପୁର ଗ୍ରାମ ସମ୍ମୁଖ, ନୂଆଦିଲ୍ଲୀ ୧୧୦୦୧୨
PPVFRA

**ଶେଷ ତାରିଖ ବୃଦ୍ଧି ସମ୍ବନ୍ଧୀୟ ବିଜ୍ଞପ୍ତି**

ଏହା ଉଭିଦ ଜିନୋମ୍ ଉଦ୍ଧାରକ ସମୁଦାୟ ପୁରସ୍କାର ଏବଂ ଉଭିଦ ଜିନୋମ୍ ଉଦ୍ଧାରକ କୃଷକ ସମ୍ମାନ ଓ ସ୍ୱୀକୃତି ୨୦୨୨-୨୩ ପାଇଁ କୃଷକ ସମୁଦାୟ ଏବଂ ବ୍ୟକ୍ତିବିଶେଷ କୃଷକଙ୍କଠାରୁ ଦରଖାସ୍ତ ଆହ୍ୱାନ ନିମନ୍ତେ ମେ ୧୭, ୨୦୨୩ରେ ପ୍ରକାଶିତ ବିଜ୍ଞାପନ ସନ୍ଦର୍ଭରେ । ଦରଖାସ୍ତ ଗ୍ରହଣର ଶେଷ ତାରିଖ ଅଗଷ୍ଟ ୧୬, ୨୦୨୩ ଥିଲା । କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ଦରଖାସ୍ତ ଗ୍ରହଣର ତାରିଖକୁ ସେପ୍ଟେମ୍ବର ୩୦, ୨୦୨୩ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ।
(ୟୁକେ ଦୁବେ)
CBC 01146/12/0003/2324 ଉପ ନିବନ୍ଧକ

**ଶକ୍ତି ଦକ୍ଷତା ବ୍ୟୁରୋ**
(ଶକ୍ତି ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନସ୍ଥ ଏକ ବୈଧାନିକ ନିକାଶ)
୪ର୍ଥ ମହଲା, ସେବା ଭବନ, ଆର୍.କେ.ପୁରମ୍, ନୂଆଦିଲ୍ଲୀ - ୧୧୦୦୬୬
ୱେବ୍‌ସାଇଟ୍ : www.beeindia.gov.in, ଫୋନ୍: ୦୧୧-୨୬୭୬୬୭୦୦
Azadi Ka Amrit Mahotsav | G20

**ଉର୍ଜା ମିତ୍ରଙ୍କ ତାଲିକାଭୁକ୍ତୀକରଣ**

ଶକ୍ତି ଦକ୍ଷତା ବ୍ୟୁରୋ (ବିଇଇ) ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗଗୁଡ଼ିକୁ ବୈଷୟିକ ସହାୟତା ଏବଂ ପରାମର୍ଶ ସେବା ଯୋଗାଇବା ପାଇଁ ବଛା ବଛା ଏମ୍‌ଏସ୍‌ଏମ୍‌ଇ କ୍ଲଷ୍ଟରରେ 'ଉର୍ଜା ମିତ୍ର' ଭାବେ ମହତ୍ୱପୂର୍ଣ୍ଣ ଭୂମିକା ତୁଲାଇବା ପାଇଁ ଅଭିଜ୍ଞତାସମ୍ପନ୍ନ ପ୍ରମାଣିତ ଶକ୍ତି ସମୀକ୍ଷକ (ସିଇଏ)ଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରୁଛି ।
ତାଲିକାଭୁକ୍ତୀକରଣ ଏକବର୍ଷ ଅବଧି ପାଇଁ ହେବ ଏବଂ ସର୍ବାଧିକ ଦୁଇ ବର୍ଷ ଅବଧି ପର୍ଯ୍ୟନ୍ତ ବର୍ଦ୍ଧିତ ହୋଇପାରିବ, ଯାହା ସମ୍ପୃକ୍ତ ବ୍ୟକ୍ତିଙ୍କର ମୁଖ୍ୟ କାର୍ଯ୍ୟପ୍ରଦର୍ଶନ ସୂଚକାଙ୍କ (କେପିଆଇ)ରେ ସନ୍ତୋଷଜନକ କାର୍ଯ୍ୟପ୍ରଦର୍ଶନ ଏବଂ ପ୍ରକଳ୍ପର ଭବିଷ୍ୟତ ଆବଶ୍ୟକତା ଉପରେ ନିର୍ଭର କରିବ ।
ତାଲିକାଭୁକ୍ତୀକରଣର ମାନଦଣ୍ଡ, ଶିକ୍ଷାଗତ ଯୋଗ୍ୟତା, ବୟସ ଏବଂ ଅଭିଜ୍ଞତା ଇତ୍ୟାଦି ଶକ୍ତି ଦକ୍ଷତା ବ୍ୟୁରୋ ୱେବ୍‌ସାଇଟ୍ www.beeindia.gov.inରୁ ଡାଉନ୍‌ଲୋଡ୍ କରାଯାଇପାରିବ ।
ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ଆଗ୍ରହୀ ଆବେଦନକାରୀମାନେ ନିଜର ଆତ୍ମ ବିବରଣୀ, ୨ଟି ପାସ୍‌ପୋର୍ଟ ଆକାରର ଫଟୋଗ୍ରାଫ୍, ପ୍ରମାଣପତ୍ର/ମାର୍କଶିଟ୍‌ର ସେଲ୍‌ଫ-ଆଟେଷ୍ଟେଡ୍ ନକଲ ତଥା ସେମାନଙ୍କର ଯୋଗ୍ୟତା ଓ ଅଭିଜ୍ଞତା ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ ସହିତ ଦୁଇଟି ରେଫରେନ୍ସ ଅଗ୍ରଣୀ ଖବରକାଗଜରେ ବିଜ୍ଞାପନ ପ୍ରକାଶିତ ହେବାର ୩୦ ଦିନ ମଧ୍ୟରେ ସଚିବ, ଶକ୍ତିଦକ୍ଷତା ବ୍ୟୁରୋ, ୪ର୍ଥ ମହଲା, ସେବା ଭବନ, ଆର୍.କେ.ପୁରମ୍, ସେକ୍ଟର-୧, ନୂଆଦିଲ୍ଲୀ-୧୧୦୦୬୬ଙ୍କ ନିକଟକୁ ପଠାଇପାରିବେ ।
CBC 34106/12/0007/2324 ସଚିବ, ବିଇଇ

OFFICE OF THE DEAN & PRINCIPAL No.-E-330
PANDIT RAGHUNATH MURMU MEDICAL COLLEGE & HOSPITAL, BARIPADA
RANGAMATIA, BARIPADA - 757107, DISTRICT - MAYURBHANJ, ODISHA
Telephone: 06792 - 240400/01. E -mail : prmmchbaripada@gmail.com
**NOTICE INVITING TENDER**
Reference No. 3362 /2023-24 /PRMMCH Baripada / / Dated. 16.08.2023
The sealed tenders are invited from the registered firms/ publishers **for supply of Medical Books**, quoting the discount on publisher's price which is to be purchased for the central library of PRM Medical College, Baripada during the financial year 2023-24. The tender papers containing the terms & conditions alongwith list of the BOOKs can be downloaded from the College website www.prmmch.nic.in / official website www.mayurbhanj.nic.in **from 28.08.2023**. The last date of **submission of bid documents is 18.09.2023 by 5.00 P.M.**
**Sd./- Dean & Principal, PRMMCH, Baripada**
OIPR-10120/11/0005/2324

# ସରପଞ୍ଚ ପହଞ୍ଚିବା ପୂର୍ବରୁ ଜାତୀୟ ପତାକା ଉତ୍ତୋଳନ

ନୟାଗଡ଼,୧୭।୮ (ଲୋକନାଥ ମିଶ୍ର)

## ଜିଲାପରିଷଦ ସଭ୍ୟଙ୍କ ବିରୋଧରେ ଅଭିଯୋଗ

ନୟାଗଡ଼ ବ୍ଲକ ସିନ୍ଧୁରିଆ ପଞ୍ଚାୟତରେ ସରପଞ୍ଚ ଓ ସମିତି ସଭ୍ୟ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିବା ପୂର୍ବରୁ ଜିଲା ପରିଷଦ ସଭ୍ୟ କ୍ଷୀରୋଦ ମହାପାତ୍ର ପତାକା ଉତ୍ତୋଳନ କରି ଚାଲିଯିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ଏନେଇ ସରପଞ୍ଚ ନୟାଗଡ଼ ଟାଉନ ଥାନାରେ ଅଭିଯୋଗ କରିବା ସହ ଜିଲାପାଳ, ନୟାଗଡ଼ ବିଡିଓ, ଜିଲା ପରିଷଦ ନୟାଗଡ଼କୁ ଅବଗତ କରାଇଛନ୍ତି । ସରପଞ୍ଚ ପ୍ରମୋଦ କୁମାର ବେହେରାଙ୍କ ଅଭିଯୋଗ ଅନୁସାରେ ପଞ୍ଚାୟତରେ ଅଗଷ୍ଟ ୧୫ ସକାଳ ୮ଟାରେ ପତାକା ଉତ୍ତୋଳନ ପାଇଁ ନିଷ୍ପତ୍ତି ହୋଇଥିଲା । ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ, ସମିତି ସଭ୍ୟ ଓ ୱାର୍ଡ ସଭ୍ୟ ଯୋଗ ଦେବା ପାଇଁ ଅବଗତ କରାଯାଇଥିଲା । ତେବେ ଜିଲା ପରିଷଦ ସଭ୍ୟ ଅଗଷ୍ଟ ୧୫ରେ ପୂର୍ବାହ୍ନ ୭.୫୦ରେ ଆସି ପଞ୍ଚାୟତ କାର୍ଯ୍ୟାଳୟରେ ଜୋର ଜବରଦସ୍ତ ପତାକା ଉତ୍ତୋଳନ କରି ଚାଲିଯାଇଥିଲେ । ସେ ପଞ୍ଚାୟତ ଅଧିକାରୀ ଓ କର୍ମଚାରୀଙ୍କ ବାରଣକୁ ଖାତିର କରି ନ ଥିଲେ । ଆମ୍ଭେ ଅନୁସୂଚିତ ଜନଜାତି ର ଲୋକ ହୋଇଥିବାରୁ ଆମକୁ ଅପମାନିତ ଉଦ୍ଦେଶ୍ୟରେ ଏପରି କରାଯାଇଛି । ଅନ୍ୟପକ୍ଷେ ବର୍ତ୍ତମାନର ଜିଲା ପରିଷଦ ସଭ୍ୟ ପୂର୍ବରୁ ପଞ୍ଚାୟତର ସରପଞ୍ଚ ଥିଲେ । ଜିଲା ପରିଷଦଙ୍କ ଏଭଳି କାର୍ଯ୍ୟ ନିନ୍ଦନୀୟ ବୋଲି କହିଛନ୍ତି ।

# ସେବା ସଙ୍ଗଠନ ପକ୍ଷରୁ ଚାରା ରୋପଣ

ଖଣ୍ଡପଡ଼ା,୧୭।୮ (ଅଜୟ କୁମାର ମହାରଣା)

ମଙ୍ଗଳବାର ଖଣ୍ଡପଡ଼ା ବ୍ଲକ୍ ଅଧୀନ ଗଡିଆସାହି ପଞ୍ଚାୟତସ୍ଥିତ ସରପୋଖରୀ ଗ୍ରାମ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟଠାରେ ମା ବିରଜା ସେବା ସଙ୍ଗଠନ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ଆଇଆଇସି ଜ୍ୟୋତି ପ୍ରକାଶ ସ୍ୱାଇଁ ଓ ବିଭିନ୍ନ ଜନପ୍ରତିନିଧି, ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସମେତ ଛାତ୍ରୀଛାତ୍ର ଯୋଗଦେଇ ଫଳ, ଛାଇ ପ୍ରଦାନକାରୀ ଚାରା ରୋପଣ କରିଥିଲେ । ସେହିପରି କଣ୍ଟିଲୋଠାରେ ଚେତନା ଅନୁଷ୍ଠାନର ସମ୍ପାଦକ ପରିବେଶବିତ୍ ତଥା ଗଛସାର ଭାବେ ପରିଚିତ ଅନ୍ତର୍ଯ୍ୟାମୀ ସାହୁଙ୍କ ନେତୃତ୍ୱରେ ବିଭିନ୍ନ ଔଷଧୀୟ, ଫଳ ଓ ଛାୟା ପ୍ରଦାନକାରୀ ଚାରା ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ମାଧବ ଚନ୍ଦ୍ର ସାହୁ, ନାଏବ ସରପଞ୍ଚ ପ୍ରଭାତ କୁମାର ସାହୁ, ଅରୁଣ କୁମାର ଚିନରା ପ୍ରମୁଖ ସହଯୋଗ କରିଥିଲେ ।

# ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରିଣୀ ବୈଠକ

ପାରଳାଖେମୁଣ୍ଡି, ୧୭।୮ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ବିଜୁ ମହିଳା ଜନତା ଦଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବିଜୁ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ବୈଠକରେ ମହିଳାଙ୍କ ବିକାଶ କ୍ଷେତ୍ରରେ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅବଦାନ ସମ୍ପର୍କରେ ଆଲୋଚନା ହୋଇଛି । ଆଗକୁ ସାଧାରଣ ନିର୍ବାଚନ ରହିଥିବା ବେଳେ ସରକାରଙ୍କ ସମସ୍ତ ଜନହିତକର ଯୋଜନାଗୁଡ଼ିକ ଘରେ ଘରେ ପହଞ୍ଚାଇବାକୁ ସଙ୍କଳ୍ପ ନିଆଯାଇଛି । କାର୍ଯ୍ୟକ୍ରମ ଆରମ୍ଭରେ ଜିଲା ବିଜୁ ମହିଳା ଜନତା ଦଳର ସମସ୍ତ ନେତ୍ରୀଗଣ ଆସିକା ଏମପି ପ୍ରମିଳା ବିଶୋଇଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ । ଦଳର ସଭାନେତ୍ରୀ ପୂର୍ଣ୍ଣବାସୀ ନାୟକଙ୍କ ସଭାପତିତ୍ୱରେ ହୋଇଥିବା ବେଳେ ଜିଲା ବିଜେଡି ସଭାପତି ଜଗବନ୍ଧୁ ଦାସ, ଜିଲା ପରିଷଦ ଅଧକ୍ଷ ଜି.ତିରୁପତି ରାଓ, ଏସଡିସି ଅଧକ୍ଷା ମୋରିୟମ ରଇତ, ପାରଳା ପୌରାଧକ୍ଷା ନିର୍ମଳା ସେଠୀ, ବିଜେଡି ନେତ୍ରୀ ସଂଯୁକ୍ତା ବେହେରା, ଇନ୍ଦିରା ପଟ୍ଟନାୟକ, ଜିଲା ଯୁବ ସଭାପତି ଏସ. ଲିଙ୍ଗରାଜୁ, ରାଜ୍ୟ ସମ୍ପାଦକ ପ୍ରଦୀପ ନାୟକ, ବସନ୍ତ ଦାସ, ବରିଷ୍ଠ ନେତା ଡ. ତିରୁପତି ପାଣିଗ୍ରାହୀ, ଯୁବନେତା ରୂପେଶ ପାଣିଗ୍ରାହୀ, ସମସ୍ତ ବ୍ଲକ ଅଧକ୍ଷ/ଅଧକ୍ଷାଙ୍କ ସମେତ ଶତାଧିକ ମହିଳା ନେତ୍ରୀଗଣ ଯୋଗ ଦେଇଥିଲେ ।

**EXTRAORDINARY GAZETTE**
**OFFICE OF THE SPECIAL PLANNING AUTHORITY, PHULBANI**
At: Town Planning Unit, Phulbani, UCO Bank Road, Hatapada, Near Ram Mandir, Phulbani - 762001, Phone No.: 06842-253539, E-Mail: plbtpu@gmail.com

**NOTIFICATION**
Date: 12.05.2023

No. 74-PSPA, Phulbani - In exercise of the powers conferred under sub-section (i) of Section 31 of the Odisha Town Planning & Improvement Trust Act, 1956 (Odisha Act. 10 of 1957), the Special Planning Authority, Phulbani, do hereby notify for the information of the General Public of Phulbani that the Draft GIS/RS based master Plan for Master Plan area of Phulbani comprising 24 (Twenty Four) no of Revenue Villages (Mouzas) under Phulbani Municipality as specified in the schedule given below over which the aforesaid Act has already been enforced by the Govt. in H&UD Department vide Notification No. 37489/UD, dated 05.12.1979 is hereby published for the information of the General Public likely to be affected thereby and notice is hereby given that the said draft would be taken into consideration on or after expiry of a period of 60 (Sixty) days from the date of publication in the Odisha Gazettee:

**SCHEDULE**

| Sl. No. | Name of the Revenue Villages | Thana No. | Name of ULBs/GP | Area Acres |
|---|---|---|---|---|
| 1 | 2 | 3 | 4 | 5 |
| 1 | Baikumpa | 115 | Phulbani Municipality | 84.328 |
| 2 | Khumbharapara | 116 | - do - | 67.931 |
| 3 | Sainpara | 117 | - do - | 9.615 |
| 4 | Baikhol | 118 | - do - | 66.665 |
| 5 | Phulbani Sahi | 119 | - do - | 80.604 |
| 6 | Kendupadar | 120 | - do - | 76.581 |
| 7 | Damigan | 121 | - do - | 305.247 |
| 8 | Dakapal | 122 | - do - | 123.231 |
| 9 | Olenbachnagar | 123 | - do - | 95.228 |
| 10 | Bidangi | 124 | - do - | 45.740 |
| 11 | Penjisahi | 125 | - do - | 70.490 |
| 12 | Jiringipara | 126 | - do - | 165.198 |
| 13 | Salunki | 127 | - do - | 100.890 |
| 14 | Salunkeri | 128 | - do - | 25.380 |
| 15 | Lengarasahi | 129 | Tudipaju GP | 38.525 |
| 16 | Nedipara | 130 | - do - | 21.195 |
| 17 | Pitabari | 131 | - do - | 71.622 |
| 18 | Teragura | 133 | - do - | 39.054 |
| 19 | Sarttagura | 147 | - do - | 130.497 |
| 20 | Mulagudari | 17 | - do - | 152.264 |
| 21 | Bandhasahi | 132 | Gudari GP | 98.110 |
| 22 | Dadapaju | 1 | - do - | 428.609 |
| 23 | Gudari | 18 | - do - | 692.984 |
| 24 | Bamaden R.F. | - | - | 101.173 |
| | Total | | | 3091.161 |

The Plans, Reports and Zoning Regulations in respect of above areas of Phulbani can be inspected in the office of Special Planing Authority, Phulbani at Town Planning Unit, UCO Bank Road, Hatapada, Near Ram Mandir, Phulbani - 762001 on any working days during office hours with effect from the date of notification in the Odisha Gazette. Any objections and suggestions in respect of said Master Plan proposal including Report and Zonal Regulation may be submitted to the Special Planning Authority, Phulbani in duplicate within 60 (Sixty) days from the date of publication in Odisha Gazette.
Hereinafter, from the date of publication of notification no Person, Private/Public Institution/ Industry, Department of Government/Semi-Govenment shall erect or proceed with construction of any building or structure or work or enter into or carry out a contact in respect of any land within the area included in the Master Plan unless he/she has applied for and obtained permission from the Special Planning Authority, Phulbani as required under sub-section (3) of the Odisha Town Planning and Improvement Trust Act, 1956.
Further, hereinafter all sub-divisional lay-out plans intended for parceling out or selling in smaller plots with adequate provision of roads and open spaces shall also require prior approval of Special Planning Authority, Phulbani.
Any development which shall be made in any land without permission of special Planning Authority, Phulbani and which is contrary to the provision of Master Plan shall not consider in awarding compensation in event of land being acquired. Subsequently under provision of O.T.P. & I.T. Act, 1956 for implementation of any Development Scheme. Taking up construction without permission shall be punishable under provisions of the said Act.

Sd./- Sri Baladeva Behera, OAS-I (J.B.)
Special Planning Authority, Phulbani

Sd./- Sri Ashish Ishwar Patil, I.A.S.
Collector & District Magistrate
Kandhamal-cum-Chairman
SPA Committe, Phulbani

N.B.: The period of 60 days is affected from the date of publication in the News Paper.

**Office of the Executive Engineer**
**Road Construction Department,**
**Road Division, Chaibasa**

**E-Procurement Notice**
E-tender Reference No. : RCD/CHAIBASA/602Date : 16.08.2023

| | | |
|---|---|---|
| 1. | Name of Work | IRQP work of Kudahatu Chowk to Usambir (orissa Border) Road from Km 0.00 to Km 18.025 (Total Length-18.025 KM) under Road Division Chaibasa for the year 2023-24. |
| 2. | Estimated Cost (Rs.) | ₹ 10,84,08,992.00 (Ten Crore Eighty Four Lacs Eight Thousand Nine Hundred Ninety Two) Only. |
| 3. | Time of Completition | 06 (Six) Months |
| 4. | Date of Publication of Tender On Website | 23.08.2023 at 11.30 AM |
| 5. | Last date/Time for receipt of bids. | 13.09.2023 Up to 3.00 P.M. |
| 6. | Last date/Time of receipt of cost of bidding document and Bid Security | 15.09.2023 Up to 12.00 P.M. |
| 7. | Date of Opening of Bid | 15.09.2023 at 12:30 P.M. |
| 8. | Name & address of office Inviting tender | Office of the Executive Engineer, RCD, Road Division, Chaibasa |
| 9. | Contact no. of Procurement Officer | 7781899686 |
| 10. | Helpline number of e-Procurement cell | 0651-3510880 |

* Further details can be seen on website http://jharkhandtender.gov.in
Executive Engineer
PR 304836 West Singhbhum(23-24)#D RCD, Road Division, Chaibasa.

**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, PADAMPUR**
Phone No-(06683)-223418(Off), e-mail:-eemipad@yahoo.co.in
**'e'-Procurement Notice**
**Bid Reference No- SE-MID-PDP- 02 / 2023-24**
**No- 1810 /MID // Date- 07.08.2023**
No.A-431:- Bid documents consisting of Work, Estimated cost, Cost of tender paper, EMD, time of completion, Class of contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.

| | | | |
|---|---|---|---|
| 1 | Name of the works | : | Improvement / Repair of Civil works |
| 2 | No. of works | : | 14 (fourteen) Nos. |
| 3 | Estimated cost | : | Varies from Rs. 5.93 lakh to Rs.58.13 lakh only (Approx.) |
| 4 | Period of completion | : | 01 (One) to 05 (Five) calendar months |
| 5 | Date and time of availability of bid documents in the portal | : | From Dt. 21.08.2023 at 10.00 A.M. to Dt. 31.08.2023 upto 5.00 P.M. |
| 6 | Last date / time of receipt of bids in the portal | : | Dt. 31.08.2023 upto 5.00 P.M. |
| 7 | Date of opening of bid | : | Dt. 01.09.2023 at 10.00 A.M. onwards |
| 8 | Date of lottery scheduled to be held (If required) | : | Dt. 26.09.2023 at 11.00 A.M. in the O/o S.E., M.I. Division, Padampur |
| 9 | Name and address of the OIT | : | O/o-Superintending Engineer, M.I. Division, Padampur, At: Padampur, P.O.- Raj Bora Sambar, Dist.: Bargarh, PIN-768036, (Odisha), Ph.- 06683-223418 |
| 10 | Further details can be seen from the e-Procurement market place | : | http://tendersodisha.gov.in |

Sd./- S.K. Mohanty, Superintending Engineer
M.I. Division,Padampur
OIPR-32037/11/0001/2324

# ବଲରାମପୁରରେ ପୁଣି ଧସିଲା ବୈତରଣୀ ନଦୀବନ୍ଧ

■ ନଦୀଗର୍ଭରେ ୫୦ ଫୁଟ୍‌ରୁ ଊର୍ଦ୍ଧ୍ୱ ବନ୍ଧ
■ ଆତଙ୍କରେ ୩ ପଞ୍ଚାୟତର ଅଧିବାସୀ

ଝୁମ୍ପୁରୀ/ଦଶରଥପୁର,୧୭।୮ (ସରୋଜ ନାୟକ/ମନୋଜ ପୃଷ୍ଟି):


ନଦୀବନ୍ଧ ଧସିପଡ଼ିଛି।

ପୁଣି ବୈତରଣୀ ନଦୀ ବନ୍ଧରୁ ପ୍ରାୟ ୫୦ ଫୁଟ୍‌ରୁ ଊର୍ଦ୍ଧ୍ୱ ନଦୀଗର୍ଭରେ ଲୀନ ହୋଇଯାଇଛି। ଫଳରେ ୩ ପଞ୍ଚାୟତର ଅଧିବାସୀଙ୍କ ମନରେ କୋକୁଆ ଭୟ ଖେଳିଯାଇଛି। ଏପରି ଅବସ୍ଥା ସୃଷ୍ଟି ହୋଇଛି ଦଶରଥପୁର ବ୍ଲକ୍ କମାରଡ଼ିହ ପଞ୍ଚାୟତସ୍ଥ ବଲରାମପୁର ଗ୍ରାମରେ। ଗୁରୁବାର ସକାଳେ ଏହି ଗ୍ରାମ ନିକଟରେ ନିର୍ମାଣାଧୀନ ବୈତରଣୀ ନଦୀବନ୍ଧ ହଠାତ୍ ଧସପଡ଼ିବାରୁ ଲୋକେ ଭୟଭିତ ହୋଇ ପଡ଼ିଛନ୍ତି।

ଗତ ୮ ଦିନ ତଳେ ସେହି ବନ୍ଧର ଦଉପୁରଠାରେ ପ୍ରାୟ ୧୦୦ ଫୁଟ୍‌ରୁ ଊର୍ଦ୍ଧ୍ୱ ନଦୀବନ୍ଧ ଧସିଯାଇଥିଲା। ଯାଜପୁର ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରାୟ ୧୨ କୋଟି ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇ ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ୍ ମାଧ୍ୟମରେ ଏହି ବନ୍ଧର ନିର୍ମାଣ କାର୍ଯ୍ୟ ଚାଲୁରହିଛି। ଯାଜପୁରର ଜଣେ ଠିକାଦାର ଏହି ବନ୍ଧର ନିର୍ମାଣ କାର୍ଯ୍ୟ ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ୍ ଠାରୁ ଆଣି କରୁଥିବାବେଳେ କାର୍ଯ୍ୟ ଅତି ନିମ୍ନମାନର ହୋଇଥିବାରୁ ବନ୍ଧ ବାରମ୍ବାର ଧସିଯାଉଛି ବୋଲି ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାପୂର୍ବରୁ ସେହି ବନ୍ଧ ଉପରେ ୨୦୨୦-୨୧ ଆର୍ଥିକ ବର୍ଷରେ ନାବାର୍ଡ ସହାୟତାରେ ପ୍ରାୟ ୧୧ କୋଟି ୩୩ ଲକ୍ଷ ୫୦ ହଜାର ଟଙ୍କାର କାର୍ଯ୍ୟ ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ୍ ପକ୍ଷରୁ କରାଯାଇଥିଲା। ସେତେବେଳେ ରାଜନୈତିକ ଚାପରେ ୨/୩ ଅନଭିଜ୍ଞ ଠିକାଦାରଙ୍କୁ ଏହି ବନ୍ଧର ନିର୍ମାଣ କାର୍ଯ୍ୟ ଦିଆଯାଇଥିବାବେଳେ ଅତି ନିମ୍ନମାନର କାର୍ଯ୍ୟ ପାଇଁ ଲୋକେ ଅସନ୍ତୁଷ୍ଟ ହୋଇଥିଲେ। ଗୁରୁବାର ବନ୍ଧ ଧସିବା ପରେ ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ୍ ଦ୍ୱାରା ନିର୍ମାଣାଧୀନ ଏହି ବନ୍ଧର କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ବୋଲି ପ୍ରମାଣିତ ହୋଇଥିବା ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ମଳୟ ପଣ୍ଡା ଅଭିଯୋଗ କରିଛନ୍ତି। ଗତ ପ୍ରାୟ ୪ ବର୍ଷ ମଧ୍ୟରେ ଏହି ବନ୍ଧ ନିର୍ମାଣରେ ୨୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇଛି। ମାତ୍ର ବନ୍ଧର ଏପରି ଅବସ୍ଥା ପାଇଁ ଲୋକେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ତେଣୁ ତୁରନ୍ତ ଏହି ନଦୀବନ୍ଧ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରାଯିବା ସହ ଆଗକୁ ବଡ଼ ବର୍ଷା ଆସୁଥିବାରୁ ଧସିଥିବା ବନ୍ଧର ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ଏ ସମ୍ପର୍କରେ ଯାଜପୁର ଜଳସମ୍ପଦ ବିଭାଗ ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ଡେରାବିଶରେ ଧରିତ୍ରୀ ସମ୍ପାଦକ ତଥାଗତଙ୍କୁ ନାଗରିକ ସମ୍ବର୍ଦ୍ଧନା


ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ରାଜ୍ୟ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ଓ ଅନ୍ୟମାନେ।

ଡେରାବିଶ,୧୭।୮ (ବେବର୍ତ୍ତା ଅଜୟ ଦାସ)

ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଡେରାବିଶ ମହାବିଦ୍ୟାଳୟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଗୁରୁବାର ଯୋଗ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶରତ କୁମାର କର ପଥର ନିର୍ମିତ ଏକ ବୁଦ୍ଧମୂର୍ତ୍ତି ସହ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ତଥାଗତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକଙ୍କ ସମେତ ଅଧ୍ୟାପକମାନେ ଉପସ୍ଥିତ ଥିଲେ। ସେହିପରି ଡେରାବିଶ ନାଗରିକ ମଞ୍ଚ ପକ୍ଷରୁ ଆବାହକ ହଳଧର ଦାଶ, ମହେନ୍ଦ୍ର କୁମାର ସିଂ, ଅଧ୍ୟାପକ ପ୍ରଭାକର ସାମଲ, ସାହାଜାନ୍ ଖାଁ, ରମେଶ ଚନ୍ଦ୍ର ଦାସ, ଅଭିମନ୍ୟୁ ରାଉତ ଓ ମରୁତ ସ୍ୱାଇଁ ପ୍ରମୁଖ ତଥାଗତଙ୍କୁ ସ୍ୱାଗତ ଜଣାଇବା ସହ ସମ୍ବର୍ଦ୍ଧନା ଦେଇଥିଲେ। ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ରାଜ୍ୟ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ଏବଂ କର୍ମକର୍ତ୍ତାମାନେ ତଥାଗତଙ୍କୁ ଭବ୍ୟ ସ୍ୱାଗତ ଜଣାଇବ ସହ ନେହେରୁ ଯୁବକେନ୍ଦ୍ରର ସଂଯୋଜକ ଲକ୍ଷ୍ମୀକାନ୍ତ ଜେନା ଓ ବହୁ ସ୍ୱାଗତ କରିଥିଲେ। ସେହିପରି ଗୋଲରାହାଟ ପଞ୍ଚାୟତର ପୂର୍ବତନ ସରପଞ୍ଚ ବିପିନ ବିହାରୀ ସାହୁ, ନୀଳକଣ୍ଠପୁର ଶୃଙ୍ଗାରେଶ୍ୱର ଯୁବକ ସଂଘ ପକ୍ଷରୁ ମୁକେଶ କୁମାର ଧଳ, ସୌମ୍ୟରଞ୍ଜନ ରାଉତରାୟ ଓ ରଜନୀକାନ୍ତ ମିଶ୍ର ତଥାଗତଙ୍କୁ ସ୍ୱାଗତ କରିଥିଲେ। ଡେରାବିଶ ବ୍ଲକ ଅଞ୍ଚଳକୁ ପ୍ରଥମ ଗସ୍ତ ଅବସରରେ ତଥାଗତ ପ୍ରଥମେ ପରମାରାଧ ଶ୍ରୀଦଧିବାମନଜୀଉଙ୍କ ମନ୍ଦିରକୁ ଯାଇ ଜୀଉଙ୍କୁ ଦର୍ଶନ କରିବା ଅବସରରେ ମନ୍ଦିରର ବଡ଼ପଣ୍ଡା କରୁଣାକର କର ଓ ରତ୍ନାକର ପଣ୍ଡା ପ୍ରମୁଖ ତଥାଗତଙ୍କୁ ଜୀଉଙ୍କ ଆଜ୍ଞାମାଳ ପ୍ରଦାନ କରିଥିଲେ।

# ଏସି ଲଗାଇବାକୁ କେନ୍ଦ୍ରକରି ଥାନା ଦ୍ୱାରସ୍ଥ ମହିଳା

ବ୍ରହ୍ମବରଦା,୧୭।୮ (ଯଯାତି କେଶରୀ ବେହେରା):

ବ୍ରହ୍ମବରଦା ଥାନା ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତ କୋଠିଡ଼ିହ ଗ୍ରାମ ୱାର୍ଡ ନଂ. ୧୩ ନିବାସୀ ସେକ୍ ମୁସ୍ତାକ ଅଲ୍ଲିଙ୍କ ସ୍ତ୍ରୀ ଫରଜାନା ପରଭିନ(୩୦) ପଡ଼ୋଶୀଙ୍କ ଘରେ ଲାଗିଥିବା ଏସିକୁ ନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ସୂଚନା ଅନୁଯାୟୀ, ଗତ ଦୁଇ ମାସ ପୂର୍ବରୁ ଫରଜାନାଙ୍କ ପଡ଼ୋଶୀ ସ୍ୱର୍ଗତ ମୁନ୍ନା ଖାଁଙ୍କ ସ୍ତ୍ରୀ ନିଲୋ ବିବି ନିଜ ଘରେ ଏକ ଏସି ଲଗାଇଥିଲେ। ଏସିର ପଙ୍ଖାଟି ଫରଜାନାଙ୍କ ଘରଆଡ଼କୁ ଦେଇ ଦେଇଥିଲେ। ଫଳରେ ଏସିରୁ ନିର୍ଗତ ହେଉଥିବା ଗରମ ପବନ ଫରଜାନାଙ୍କ ଘରେ ପଶୁଥିଲା। ତେଣୁ ତାଙ୍କର ରୋଗାକ୍ରାନ୍ତ ଶଶୁର ସେକ୍ ଦିଦାର ଅଲ୍ଲୀ(୭୨) ଏବଂ ୩ ପିଲା ଏସିର ଗରମ ପବନ ସହ୍ୟ କରିପାରୁ ନ ଥିଲେ। ଏହି କାରଣରୁ ଦୁଇ ପରିବାର ମଧ୍ୟରେ ତିକ୍ତତା ବୃଦ୍ଧି ପାଇଥିଲା। ଫଳରେ ଫରଜାନାଙ୍କ ପରିବାର ଥାନାର ଦ୍ୱାରସ୍ଥ ହୋଇଥିଲେ। ହେଲେ ପୋଲିସର ନିଷ୍କ୍ରିୟତା ଯୋଗୁ ଏବଂ ଫରଜାନାଙ୍କ ସ୍ୱାମୀ ବିଦେଶରେ ରହୁଥିବା ହେତୁ ନିଲୋ ବିବି ତାଙ୍କ ଦୁଇ ଭାଇ ମଝର ଓ ଦୁଲ୍ଲାଙ୍କୁ ଡକାଇ ବିଭିନ୍ନ ସମୟରେ ଫରଜାନାଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଉଥିଲେ। ଗତ ୧୬ ତାରିଖ ସକାଳେ ନିଲୋ ବିବି ପୁଣି ଦୁଇ ଭାଇଙ୍କୁ ଡକାଇ ଫରଜାନାଙ୍କୁ ଗାଳି ଗୁଲଜ କରିବା ସହ ଟଣାଓଟରା କରିଥିଲେ। ଏହା ଦେଖି ଘରେ ଥିବା ତାଙ୍କ ବୃଦ୍ଧ ଶଶୁର ଦିଦାର ଘରୁ ବାହାରି ଅଟକାଇବାକୁ ଚେଷ୍ଟା କରିବାରୁ ମଜର ଓ ଦୁଲ୍ଲା ତାଙ୍କୁ ଧକ୍କା ମାଡ଼ ମାରିଥିଲେ। ଫଳରେ ଦିଦାର ତଳେ ପଡ଼ିଯାଇ ବେହୋସ ହୋଇଯାଇଥିଲେ। ତାଙ୍କୁ ବ୍ରହ୍ମବରଦାସ୍ଥିତ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ କରାଇବା ପରେ ଫରଜାନା ଥାନାରେ ପୁର୍ନବାର ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଉକ୍ତ ଅଭିଯୋଗକୁ ଆଧାର କରି ନଂ.୯୫/୨୩ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଅପରପକ୍ଷ ମଧ୍ୟ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।


ଫରଜାନା ପରଭିନ ଥାନାକୁ ଅଭିଯୋଗ କରିବାକୁ ଆସିଛନ୍ତି।

# ଆଈ ହତ୍ୟାକାରୀ ନାତିଙ୍କୁ କୋର୍ଟ ଚାଲାଣ

ବାଲିକୁଦା,୧୭।୮ (ତାପର ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ନାଗପୁର ପଞ୍ଚାୟତ ଗଦେଇଗିରି ଗାଁରେ ଆଈଙ୍କୁ ହତ୍ୟା କରିବା ଘଟଣାରେ ଜେଲ ଯାଇଛି ଅଭିଯୁକ୍ତ ନାତି ଜୀବନ ଜ୍ୟୋତି ସାହୁ ଓରଫ ସମୀର। ବୁଧବାର ଆଈଙ୍କୁ କଟୁରିରେ ହାଣି ମୁଣ୍ଡ ଗଣ୍ଡି ଅଲଗା କରି ଦେବା ସହ ଗାଁର ଅନ୍ୟ ୨ ମହିଳା ଓ ଜଣେ ଶିଶୁକନ୍ୟାକୁ ଆକ୍ରମଣ କରି ଆହତ କରିଥିଲେ। ଉକ୍ତ ଘଟଣା ଘଟାଇ ଫେରର ହୋଇ ଯାଉଥିବା ବେଳେ ଗାଁ ଲୋକଙ୍କ ହାବୁଡ଼ରେ ପଡ଼ିଥିଲେ। ଗାଁ ଲୋକେ ତାଙ୍କୁ ବାନ୍ଧି ପକାଇ ବାଲିକୁଦା ଥାନା ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଲୋକଙ୍କ କବଳରୁ ଉଦ୍ଧାର କରି ଥାନାକୁ ଆଣିଥିଲା। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରିଥିଲା। ତେବେ ଜାମିନ ନାମଞ୍ଜୁର ହେବାରୁ ତାକୁ ଆଳିପିଙ୍ଗଳ ଜେଲକୁ ପଠାଇ ଦିଆଯାଇଛି। ପୋଲିସ ଜେରା ବେଳେ ଅଭିଯୁକ୍ତ ସମୀର ନିଜର ଦୋଷ ସ୍ୱୀକାର କରିଛନ୍ତି। ତାଙ୍କ ଟାର୍ଗେଟ୍‌ରେ ଥିଲା ସେ ଅପହରଣ କରି ନେଇଥିବା ସ୍କୁଲ ଛାତ୍ରୀଙ୍କ ମା’। ତେବେ ଘରୁ କଟୁରି ଆଣି ବାହାରିବା ସମୟରେ ତାକୁ ସେହି ଆଈ ବିରୋଧ କରିଥିଲେ। ହେଲେ ଏ କଥା ସମୀର ନମାନି ନିଜର ରାଗ ସମ୍ଭାଳି ନ ପାରି ସେ ଧରିଥିବା ସେହି କଟୁରିରେ ଗୋଟିଏ ଚୋଟ ପକାଇଥିଲା ଓ ଯେଉଁଥିରେ ଆଈ ସଖୀଲତାଙ୍କର ଗଣ୍ଡିରୁ ମୁଣ୍ଡ ଅଲଗା ହୋଇଯାଇଥିଲା। ସମୀର ଜେଲରୁ ଫେରାର ହୋଇଯିବା ପରେ କାଲେ ଚେନ୍ନାଇ ପଳାଇଥିବା କହିଛି। ଆଉ ହତ୍ୟାରେ ବ୍ୟବହାର କରିଥିବା କଟୁରି ନିଜ ଘରର ବୋଲି ମଧ୍ୟ ସମୀର କହିଛନ୍ତି। ତାଙ୍କ ନାମରେ ଥାନାରେ ନଂ. ୪୨୦/୨୩ରେ ହତ୍ୟା ମାମଲା ରୁଜୁ ହୋଇଥିଲା।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଲିଟିଲି


@ ରାକେଶ


@ ସରିତ୍ ସଙ୍ଗମ


@ ସିଦ୍ଧ


@ ସୂର୍ଯ୍ୟକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଠିକା ଶ୍ରମିକଙ୍କ ମଜୁରି ୩୪ ପ୍ରତିଶତ ବୃଦ୍ଧି


ବୈଠକରେ ପିପିଏଲ୍ କର୍ତ୍ତୃପକ୍ଷଙ୍କ ସହ ବାପି ସର୍ଖେଲ ଓ ଠିକା ଶ୍ରମିକ ସଂଘ କର୍ମକର୍ତ୍ତାମାନେ।

ପାରାଦୀପ,୧୭।୮ (ଶରତ ରାଉତ)

**ପିପିଏଲ ମ୍ୟାନେଜମେଣ୍ଟ, ଶ୍ରମିକସଂଘ ମଧ୍ୟରେ ବୈଠକ**

■ ଉପକୃତ ହେବେ ୩୬୬ ଶ୍ରମିକ

ପାରାଦୀପ ଫସ୍‌ଫେଟସ୍ ଲିମିଟେଡ(ପିପିଏଲ) ଓ ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘ ମଧ୍ୟରେ ଗୁରୁବାର ସନ୍ଧ୍ୟାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରମୁଖ ପ୍ରସଙ୍ଗ ଠିକା ଶ୍ରମିକଙ୍କ ଦରମା ବୃଦ୍ଧି ସମ୍ପର୍କରେ ସହମତି ପ୍ରକାଶ ପାଇଛି। ଅର୍ଥାତ ପିପିଏଲରେ କାର୍ଯ୍ୟରତ ୩୬୬ ଠିକା ଶ୍ରମିକଙ୍କ ୩୪ ପ୍ରତିଶତ ଦରମା ବୃଦ୍ଧି ପାଇଛି। ଏହାବାଦ ଇନ୍‌ସେଟିଭ ବାବଦରେ ମାସକୁ ୧୧ ଶହ ଟଙ୍କା ବୃଦ୍ଧି ପାଇଛି। ବର୍ଦ୍ଧିତ ଦରମା ଓ ଅନ୍ୟ ଆନୁଷଙ୍ଗିକ ବାବଦରେ ଜଣେ ଶ୍ରମିକ ପୂର୍ବ ଦରମାଠାରୁ ପାଖାପାଖି ୮ ହଜାର ଟଙ୍କା ଅଧିକ ପାଇବେ ବୋଲି ସଂଘ ସଭାପତି ବାପି ସର୍ଖେଲ ପ୍ରକାଶ କରିଛନ୍ତି। ଉକ୍ତ ବୈଠକରେ ପିପିଏଲ୍ ସିଏମ୍‌ଓ (ଚିଫ ମାନୁଫାକ୍ଚରିଂ ଅଫିସର) ପ୍ରଣବ ଭଟ୍ଟାଚାର୍ଯ୍ୟ, ମାନବସମ୍ବଳ ଅଧିକାରୀ ଜଗନ୍ନାଥ ଖୁଣ୍ଟିଆ ଓ ସଂଗ୍ରାମ ସ୍ୱାଇଁ ଯୋଗଦେଇଥିଲେ। ସଂଘ ପକ୍ଷରୁ ସଭାପତି ସର୍ଖେଲଙ୍କ ସମେତ ସମ୍ପାଦକ ସମୀର ବିଶ୍ୱାଳ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏବେ ବର୍ଦ୍ଧିତ ଦରଦାମ ସମୟରେ କମ୍ପାନୀ ଠିକା ଶ୍ରମିକଙ୍କ ସମସ୍ୟା ଶୁଣି ଦରମା ବୃଦ୍ଧି କରିଥିବାରୁ ସଂଘ ପକ୍ଷରୁ ସର୍ଖେଲ କୃତଜ୍ଞତା ଜଣାଇଛନ୍ତି।

# ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ ଗାଁକୁ ରାସ୍ତା ନାହିଁ

ମହାକାଳପଡ଼ା,୧୭।୮ (ପ୍ରତାପଚନ୍ଦ୍ରସ୍ୱାଇଁ)

■ ଦୁର୍ଦ୍ଦଶାରେ ଶଢୁଛନ୍ତି ସୋବଲା ଗାଁର ଛାତ୍ରୀଛାତ୍ର
■ ଲୋକେ ପଙ୍କ କାଦୁଅରେ ବାଇକ ଠେଲି ଠେଲି ନେଉଛନ୍ତି

ଭାରତ ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ ଗାଁକୁ ରାସ୍ତା ନାହିଁ ବୋଲି କହିଛନ୍ତି ଗ୍ରାମବାସୀ। ଗ୍ରାମର ଛାତ୍ରୀଛାତ୍ରମାନେ ପାଠ ପଢ଼ିବା ପାଇଁ ୨ କି.ମି. ଦୂର ନିକଟ ଉଚ୍ଚ ବିଦ୍ୟାଳୟକୁ ଯାତାୟାତ ପାଇଁ ବର୍ଷାଦିନରେ ନାହିଁ ନ ଥିବା ଅସୁବିଧା ଭୋଗୁଥିବା ଦେଖିବାକୁ ମିଳୁଛି। ପିଲାମାନେ କାଦୁଅ ପଙ୍କରେ ହାତରେ ଚପଲ, ବସ୍ତାନି ଧରି ଯାଉଛନ୍ତି। ବାଇକ୍ ଆରୋହୀମାନେ ଆଣ୍ଠୁଏ କାଦୁଅରେ ବାଇକ୍‌କୁ ଠେଲି ଠେଲି ନେଇ ଯାଉଥିବା ଦେଖିବାକୁ ମିଳୁଛି। ଏଭଳି ଦେଖିବାକୁ ମିଳୁଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ଗଡ଼ରୋମିତ-ସୋବଲା ମଧ୍ୟ ସ୍ଥଳ ଗ୍ରାମ୍ୟ ରାସ୍ତାର ଅତି ଦୟନୀୟ ଅବସ୍ଥା।

ପ୍ରତିଦିନ ଗ୍ରାମର ଶ୍ରମିକମାନେ ଦୁର୍ଦ୍ଦିନରେ ବାଇକ୍ ଯୋଗେ ପାରାଦୀପ ଶିଳ୍ପ କାରଖାନାକୁ ଯାତାୟାତ କରୁଛନ୍ତି। ତେବେ ଗ୍ରାମର ୪୦ରୁ ଅଧିକ ଛାତ୍ରୀଛାତ୍ର ଏହି କାଦୁଅ ପଙ୍କ ରାସ୍ତା ପାରହୋଇ ଗଡ଼ରୋମିତସ୍ଥିତ ଚମ୍ପକେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟକୁ ଅଧ୍ୟୟନ କରିବାକୁ ଯାଇଥାନ୍ତି। ତେବେ ଗ୍ରାମର ୨ଟି ୱାର୍ଡ ୩୦୦ ପରିବାର ବିଶିଷ୍ଟ ୧ ହଜାରରୁ ଅଧିକ ଲୋକ ବସବାସ କରନ୍ତି। ହେଲେ ଏହି ଗ୍ରାମକୁ ଭଲ ରାସ୍ତା ନାହିଁ ଆମେ ବାଧ୍ୟ ହୋଇ କାଦୁଅରେ ବାଇକ୍‌ଗୁଡିକୁ ଠେଲି କି ନେଉଥିବା ରବୀନ୍ଦ୍ର ସାହୁ , ରଶ୍ମିରଞ୍ଜନ ରାଉତ, ସଦାନନ୍ଦ ସ୍ୱାଇଁ ପ୍ରମୁଖ କହିଛନ୍ତି। ଆମ ଦେଶ ସ୍ୱାଧୀନ ହୋଇଛି ସତ କିନ୍ତୁ ଆମେ ପାଠ ପଢ଼ିବା ପାଇଁ ଦୈନିକ ବହି ବସ୍ତାନି ବୋଝ ଧରି କାଦୁଆ ପଙ୍କପାଣିରେ ବହୁ କଷ୍ଟରେ ବିଦ୍ୟାଳୟ ଯାଉଛୁ ବୋଲି ଗାଁର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ପୂଜାରାଣୀ ରାଉତ, ଜଗନ୍ନାଥ ରାଉତ, ଲିପ୍‌ସାରାଣୀ ସ୍ୱାଇଁ, ଅବିନାଶ ସ୍ୱାଇଁ, ରକି ବେହେରା ଓ ପୂଜାରାଣୀ ଦାସଙ୍କ ସମେତ ଅନ୍ୟ ପିଲାମାନେ କହିଛନ୍ତି। ଗ୍ରାମର ସୂର୍ଯ୍ୟକାନ୍ତ ସେଠୀଙ୍କ କହିବା କଥା ଏହି କାଦୁଅ ରାସ୍ତାକୁ ପାରହେବା ପାଇଁ ଘଣ୍ଟାଏ ସମୟ ଲାଗେ। ନିର୍ବାଚନ ପୂର୍ବରୁ ଠିକାଦାରମାନେ ମୁଠାଏ ମୁଠାଏ ଗୋଡ଼ି, ବାଲି, ଡଷ୍ଟ ଛିଞ୍ଚି ଦେଇ କାମ ସାରି ଦିଅନ୍ତି। ନିର୍ବାଚନ ସରିଲେ ଉକ୍ତ କାଦୁଅ ରାସ୍ତା ଅବସ୍ଥା ବଦଳେ ନାହିଁ। ଏ ସଂକ୍ରାନ୍ତରେ ବିଡିଓ ସାଗର କୁମାର ନନ୍ଦଙ୍କୁ ପଚାରିବାରେ ସୋବଳା ଗାଁ ରାସ୍ତା ସମସ୍ୟା ନଜରକୁ ଆସିଛି। ପ୍ରଶାସନ ପକ୍ଷରୁ ଖୁବ୍‌ଶୀଘ୍ର ରାସ୍ତା ପୁନରୁଦ୍ଧାର କରାଯିବ ବୋଲି ସେ କହିଛନ୍ତି।



ବ୍ଲକ ଅଧୀନ ଗଡ଼ରୋମିତ-ସୋବଲା ମୁଖ୍ୟ ରାସ୍ତା କାଦୁଅରେ ଭର୍ତ୍ତି।

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

ଓଡ଼ଗାଁ,୧୭।୮(ଆଦର୍ଶ କୁମାର ପଟ୍ଟନାୟକ)

ଆଦର୍ଶ ଥାନା ତଥା ଏନଏସି ଅଧୀନ ଶିଳ୍ପୀନଗର ସାହିରେ ଜଣେ ଯୁବକ ଗଳାରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ସୂର୍ଯ୍ୟ ପ୍ରସାଦ ପଣ୍ଡା। ସେ ଦୁଇ ଭଉଣୀ ଓ ବିଧବା ମା'ଙ୍କ ସହିତ ଏକ ଭଡ଼ା ଘରେ ରହୁଥିଲେ। ମଙ୍ଗଳବାର ରାତିରେ ଭଉଣୀ ସହିତ ଖାଇବାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏହାକୁ ନେଇ ସେଦିନ ରାତିରେ ସେ ଆତ୍ମହତ୍ୟା କରିଥିବା ପୋଲିସ ସୂଚନା ଦେଇଛି । ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା(ନଂ.୧୨/୨୩) ରୁଜୁ ହୋଇଛି।

### ଭାପୁର ବ୍ଲକରେ ଡେଙ୍ଗୁ ଆତଙ୍କ

ଭାପୁର,୧୭।୮(ଭରତ କୁମାର ବେହେରା)

ଭାପୁର ବ୍ଲକ୍‌ରେ ଡେଙ୍ଗୁ ଆତଙ୍କ ପ୍ରକାଶ ପାଇଛି । ବିଜିପୁର ପଞ୍ଚାୟତରେ ଜଣେ ଡେଙ୍ଗୁ ରୋଗୀ ଚିହ୍ନଟ ପରେ ଗୋଳାପୋଖରୀ ପଞ୍ଚାୟତକୁ ଡେଙ୍ଗୁ ଡେଇଁଛି । ଗୋଳାପୋଖରୀ ପଞ୍ଚାୟତ ଜଗଦୀଶପ୍ରସାଦର ଜଣେ ଯୁବକ ଡେଙ୍ଗୁରେ ଆକ୍ରାନ୍ତ ହୋଇ ଭୁବନେଶ୍ୱର ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଜଗଦୀଶପ୍ରସାଦର ଏହି ଯୁବକ ଜଣକ ଭୁବନେଶ୍ୱରରେ ଚାକିରୀ କରନ୍ତି । କିଛିଦିନ ହେବ ନିଜ ଗାଁକୁ ବୁଲିବାକୁ ଛୁଟିରେ ଆସିଥିଲେ। ଅସୁସ୍ଥ ହେବାରୁ ଚିକିତ୍ସିତ ହେଉଥିଲେ। ଭୁବନେଶ୍ୱରରେ ଚିକିତ୍ସିତ ସମୟରେ ଡେଙ୍ଗୁ ହୋଇଥିବା ଜଣାପଡ଼ିଥିଲା। ଗତବର୍ଷ ଭାପୁର ବ୍ଲକର ପଦ୍ମାବତୀ,କଇଁଫୁଲିଆ, ଗୋଳାପୋଖରୀ ଓ ଶାଳପଡ଼ା ପଞ୍ଚାୟତରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ଘଟି ସ୍ୱାସ୍ଥ୍ୟ ବିଭାଗର ନିଦ ହଜାଇ ଦେଇଥିଲା। ଚଳିତବର୍ଷ ପୁଣି ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହେଲେଣି। ସ୍ୱାସ୍ଥ୍ୟ ବିଭାଗର ଜଣେ କର୍ମଚାରୀଙ୍କ ସୂଚନା ଅନୁଯାୟୀ ଏପର୍ଯ୍ୟନ୍ତ ଜନସାଧାରଣ ସଚେତନ ନାହାନ୍ତି । ବାରମ୍ବାର ଲୋକମାନଙ୍କୁ ସଚେତନ କଲେ ମଧ୍ୟ ମାନୁ ନାହାନ୍ତି। ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ମଶାରୀ ଲୋକମାନେ ବ୍ୟବହାର କରୁ ନାହାନ୍ତି । ଯେଉଁମାନେ ବ୍ୟବହାର କରୁଛନ୍ତି ସେମାନେ ପୁରୁଣା ମଶାରୀ ବ୍ୟବହାର କରୁଛନ୍ତି। ଛାତ ଓ ବାଡିରେ ଟାୟାର, ପ୍ଲାଷ୍ଟିକ ଡବା ,ଟିଣ ପକାଇ ରଖୁଛନ୍ତି। ଫଳରେ ମଶା ବଂଶ ବୃଦ୍ଧି ହେଉଛି ବୋଲି ସେ କହିଛନ୍ତି ।

### ଚାରା ରୋପଣ,ପରିବେଶ ଚିନ୍ତନ କାର୍ଯ୍ୟକ୍ରମ

ଶରଣକୁଳ,୧୭।୮(ଦୀପକ କର)

ଶରଣକୁଳ ବାଉଁଶିଆଠାରେ ଥିବା ଆଶ୍ରୟ ଦିବ୍ୟାଙ୍ଗ ସେବା ଗ୍ରାମ ପରିସର ଚାରା ରୋପଣ ଓ ପରିବେଶ ଚିନ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ଲୋକନାଥ ଦାଶଙ୍କ ତତ୍ତ୍ୱାବଧାନରେ ଚାରା ରୋପଣ ଏବଂ ପରିବେଶ ସୁରକ୍ଷା ଚିନ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବର, ଅଶ୍ୱସ୍ଥ, ଆମ୍ବ, ନିମ୍ବ, କଦମ୍ବ, ଅଁଳା, କୃଷ୍ଣଚୂଡ଼ା, ପଣସ ଆଦି ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୩୮ଜଣ କବି ଓ କବୟତ୍ରୀ ଯୋଗ ଦେଇ କବିତା ପାଠ କରିଥିଲେ । ଅନୁଷ୍ଠାନର ସଦସ୍ୟ ଗୋବିନ୍ଦ ଚନ୍ଦ୍ର ପାଳ, ପାଣ୍ଡବ ନାୟକ, କୃଷ୍ଣଚନ୍ଦ୍ର ମହାପାତ୍ର, ବ୍ରଜକିଶୋର ମହାପାତ୍ର, ରମେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଭଣ୍ଡାର ମୁଣ୍ଡିଆରେ ଅବାଧ ଶିକାର

■ ମାସକରେ ୬୭ ବନ୍ୟପ୍ରାଣୀଙ୍କ ଜୀବନ ଗଲା
■ ପାଟ୍ରୋଲିଂ ଓ ଧରପଗଡ଼ ନାହିଁ

ନୟାଗଡ଼ ଅଫିସ,୧୭।୮

ନୟାଗଡ଼ ବନଖଣ୍ଡ ପଞ୍ଚରିଡ଼ା ରେଞ୍ଜ ଶରଣକୁଳ ଭଣ୍ଡାର ମୁଣ୍ଡିଆରେ ଗତ ଜୁଲାଇ ମାସରେ ୬୭ଟି ଶିକାର ହେଉଥିବା ଅଭିଯୋଗ ହୋଇଛି । ଭଣ୍ଡାର ମୁଣ୍ଡିଆରେ ପଞ୍ଚରିଡ଼ା ବନବିଭାଗ ପକ୍ଷରୁ ପାଟ୍ରୋଲିଂ ଓ ଧରପଗଡ଼ କରାଯାଉ ନ ଥିବାରୁ ଅବାଧରେ ଶିକାର ଚାଲିଛି । ସ୍ଥାନୀୟ ଲୋକ ବାରମ୍ବାର ବନବିଭାଗକୁ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁନି ।

ସୂଚନା ଅନୁଯାୟୀ, ଭଣ୍ଡାର ମୁଣ୍ଡିଆରେ ବାରାହା, କୁଟୁରା, ଗୁରାଣ୍ଡି, ଠେକୁଆ,କଇଁଜଳ ପରି ବନ୍ୟ ପ୍ରାଣୀଙ୍କ ସଂଖ୍ୟା ବଢ଼ି ଚାଲିଛି । ସେହିପରି ଜାତୀୟ ପକ୍ଷୀ ମୟୁରର ସଂଖ୍ୟା ବି ଅଧିକ ହେବାରେ ଲାଗିଛି । ତେବେ ପ୍ରାୟ ୬ମାସ ହେଲା ଏଠାକାର ଜଙ୍ଗଲିଆ ଅଞ୍ଚଳରେ ଅବାଧରେ ଶିକାର ଯୋଗୁ ସଂଖ୍ୟା ହ୍ରାସ ପାଇବା ପରିବେଶ ପାଇଁ ଚିନ୍ତାର କାରଣ ପାଲଟିଛି । କରଡ଼ା ବ୍ରାହ୍ମଣ ଶାସନର ଉତ୍ତର ଦିଗ ତଥା ଭଣ୍ଡାର ପାହାଡ଼ର ଦକ୍ଷିଣ ଦିଗରେ ବହୁ ଶିକାର ହେଉଛି । ଶିକାରୀମାନେ ଶରଣକୁଳ ବଙ୍ଗଳାଠାରୁ ଭାଡିକଳି ରାସ୍ତାରେ ଏହି ଶିକାର କରୁଛନ୍ତି । ଫାଶ, ଖାଦ୍ୟ ପଦାର୍ଥରେ ବିଷ ଦେଇ, ଗୁଳି କରି ଶିକାର କରାଯାଉଛି। ୧ବର୍ଷ ତଳେ ଜଣେ ଶିକାରୀ ଗିରଫ ହୋଇଥିଲେ । ହେଲେ ପୋଲିସ ଶିକାରକୁ ଅନୁକମ୍ପା ଦେଖାଇ ଛାଡି ଦେବା ପରେ ସଂପୃକ୍ତ ଶିକାରୀ ଅଧିକ ପରିମାଣର ଶିକାର କରୁଛନ୍ତି । ଅନ୍ୟପକ୍ଷେ ଆଉ କେତେଜଣ ଶିକାରୀ ବନ୍ୟପ୍ରାଣୀଙ୍କୁ ଶିକାର କରି ମାଂସ ଶରଣକୁଳ ଓ ଆଖପାଖ ଅଞ୍ଚଳରେ ବିକ୍ରୟ କରୁଛନ୍ତି । ଏନେଇ ଦାଶରଥୀ ସାହୁ ନାମକ ଜଣେ ବ୍ୟକ୍ତି କହିଛନ୍ତି, ଶିକାରୀମାନେ ବନବିଭାଗକୁ ହାତ କରି ଶିକାର କରୁଛନ୍ତି। ବନବିଭାଗ ପକ୍ଷରୁ ପାଟ୍ରୋଲିଂ ଆଦୌ କରାଯାଉ ନାହିଁ । ଯାହାକି ଶିକାରୀମାନଙ୍କୁ ସୁହାଉଛି । ଶରଣକୁଳରେ ପଞ୍ଚରିଡ଼ା ରେଞ୍ଜ କାର୍ଯ୍ୟାଳୟ ଥିବାବେଳେ ରେଞ୍ଜ କାର୍ଯ୍ୟାଳୟ ପାଖ ଜଙ୍ଗଲରୁ ଶିକାର ହେବା ବନବିଭାଗର ସ୍ୱଚ୍ଛତାକୁ ପଦାରେ ପକାଇଛି। ଅନ୍ୟପକ୍ଷେ ଏଠାକାର ରେଞ୍ଜରଙ୍କ ୩ ଥର ବଦଳି ହୋଇ ସାରିଛି । ତେବେ ସେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ହାତ କରି ରହି ଯାଉଛନ୍ତି । ପଞ୍ଚରିଡା ରେଞ୍ଜରେ କାଠ ଚୋର ଓ ଶିକାରଙ୍କ ଉତ୍ପାତ ବଢ଼ି ଚାଲିଛି। ଜଙ୍ଗଲରେ ମଧ୍ୟ ବନବିଭାଗର ଚଢ଼ାଉ ହେଉ ନାହିଁ କହି କ୍ଷୋଭ ପ୍ରକାଶ କରିଥିଲେ। ଏବେ ପୁଣି ରେଞ୍ଜରଙ୍କ ବଦଳି ହୋଇଛି। ଏଭଳିଆ ରେଞ୍ଜରଙ୍କ ବଦଳି ବାତିଲ ନ କରି ତୁରନ୍ତ ରିଲିଫ କରି ଦେବା ଉଚିତ। ନଚେତ ସ୍ଥାନୀୟ ଅଞ୍ଚଳ ବାସିନ୍ଦା ଆନ୍ଦୋଳନ କରିବାକୁ ସଜବାଜ ହେଉଛନ୍ତି। ଅଗଷ୍ଟ ୨୭ରେ ଆନ୍ଦୋଳନ ହୋଇପାରେ ବୋଲି ସେ କହିଛନ୍ତି । ପରିବେଶବିତ୍ ଅନ୍ତର୍ଯ୍ୟାମୀ ସାହୁ କୁହନ୍ତି, ଭଣ୍ଡାର ମୁଣ୍ଡିଆରେ ବନ୍ୟପ୍ରାଣୀ ସୁରକ୍ଷିତ ନୁହନ୍ତି ବୋଲି ଅଭିଯୋଗକୁ ବନବିଭାଗ ଅଣଦେଖା କରିବା ଅନୁଚିତ । କିପରି ଜଙ୍ଗଲ ସୁରକ୍ଷିତ ହେବ, ବନ୍ୟପ୍ରାଣୀ ସୁରକ୍ଷିତ ହେବ ସେନେଇ ବନବିଭାଗ ତତ୍ପରତା ଦେଖାଉ। ନଚେତ୍ ଜଙ୍ଗଲ ଧ୍ୱଂସ ହୋଇଯିବ । ରେଞ୍ଜର ଅର୍ଚ୍ଚନା ଗମାଙ୍ଗୋ କୁହନ୍ତି, ବନବିଭାଗ ପକ୍ଷରୁ ଶିକାରୀଙ୍କ ଉପରେ ଦୃଷ୍ଟି ରହିଛି । ଭଣ୍ଡାର ମୁଣ୍ଡିଆରେ ଶିକାର ନେଇ ସେପରି ଅଭିଯୋଗ ମିଳିନାହିଁ। ତେବେ ବନବିଭାଗ ପକ୍ଷରୁ ଶିକାରୀଙ୍କୁ ଗିରଫ କରିବା ପାଇଁ ଚେଷ୍ଟା ଜାରି ରହିଛି ।

## ୨୨୦୧ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ



ରଣପୁର ବିଧାୟକ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରୁଛନ୍ତି ।

ଶରଣକୁଳ,୧୭।୮(ଦୀପକ କର)

ରଣପୁର ନିର୍ବାଚନ ମଣ୍ଡଳୀର ୩ ଓ ୪ନଂ. ଜିଲା ପରିଷଦ ଜୋନ୍ ଅଧୀନ ୧୮ ପଞ୍ଚାୟତରେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ୨୨୦୧ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଛନ୍ତି । । ଏହି ଅବସରରେ ବିଧାୟକ ପ୍ରଧାନ କହିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡିଶାର ଦାୟିତ୍ୱ ନେବା ପରଠାରୁ ରାଜ୍ୟରେ ବ୍ୟାପକ ପରିବର୍ତ୍ତନ ଆସିଛି । ରଣପୁର ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ନବୀନ ବାବୁ ସର୍ବଦା ଗୁରୁତ୍ୱ ଦେଇଛନ୍ତି ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ଶରଣକୁଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ଗୋଡିସାହି ସରପଞ୍ଚ ଦୀପ୍ତିରଞ୍ଜନ ପରିଡ଼ା, ସୋଲପଟା ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ଜେନା, ପୂର୍ବତନ ସମିତି ସଭ୍ୟା କୃଷ୍ଣଚନ୍ଦ୍ର ତ୍ରିପାଠୀ, ସାମାଜିକ କର୍ମୀ ବିକ୍ରମ କୁମାର ଦାଶ ଉପସ୍ଥିତ ଥିଲେ।

## ବଡ଼ଭାଇଙ୍କ ଖଣ୍ଡାଚୋଟରେ ସାନଭାଇ ଗୁରୁତର

### ଭତ୍ତା ଟଙ୍କା ଆଣିବା ମହଙ୍ଗା ପଡ଼ିଲା

ନୟାଗଡ଼/ନୂଆଗାଁ,୧୭।୮ (ଲୋକନାଥ ମିଶ୍ର/ଧନେଶ୍ୱର ସାହୁ)

ମାଆଙ୍କ ଭତ୍ତା ଟଙ୍କା ଆଣିବାରୁ ବଡ଼ଭାଇ ଉତ୍ତେଜିତ ହୋଇ ସାନଭାଇଙ୍କୁ ଖଣ୍ଡାରେ ଆକ୍ରମଣ କରିଛନ୍ତି । ବଡ଼ଭାଇଙ୍କ ଆକ୍ରମଣରେ ସାନ ଭାଇ ନୂଆଗାଁ ଥାନା ବଡ଼ଖୁଣ୍ଟବନ୍ଧ ମଝିସାହିର ଯୋଗୀ ନାୟକ(୩୨) ଗୁରୁତର ହୋଇଛନ୍ତି । ଯୋଗୀ ଏବେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ସୂଚନା ଅନୁଯାୟୀ, ଜମିବାଡ଼ି ବିବାଦକୁ ନେଇ ବଡ଼ଭାଇ ଓ ସାନ ଭାଇ ମଧ୍ୟରେ ବିବାଦ ବହୁ ଦିନରୁ ଲାଗି ରହିଛି । ପୂର୍ବରୁ ବାପା ଛାଟିଆଙ୍କ ଭତ୍ତା ଟଙ୍କାକୁ ବଡ଼ ଭାଇ ନେଉଥିଲେ । ମାଆଙ୍କ ଭତ୍ତା ମଞ୍ଜୁର ପରେ ବଡ଼ପୁଅ ନେବାକୁ ପ୍ରୟାସ ଆରମ୍ଭ କରିଥିଲେ । ତେବେ ମାଆ ଭତ୍ତା ଟଙ୍କା ସାନ ଭାଇ ନେବାକୁ ଉଦ୍ୟମ କରିବାରୁ ବିବାଦ ଦେଖା ଦେଇଥିଲା । ମାଆ ଚଞ୍ଚଳା ନାୟକଙ୍କ ଅଭିଯୋଗ ଅନୁସାରେ ସାନ ପୁଅ ମୋ ପାଇଁ ନୂଆ ଭତ୍ତା ମଞ୍ଜୁର କରାଇଥିଲେ । ଭତ୍ତା ଟଙ୍କା ସେ ନିଜେ ନ ନେଇ ମୋତେ ଦେଇଥିଲେ । ହେଲେ ବଡପୁଅ ଟଙ୍କା ନେବା ପାଇଁ ଉଦ୍ୟମ କରି ବିଫଳ ହେବା ପରେ ସାନ ପୁଅଙ୍କୁ ଆକ୍ରମଣ କରିଛନ୍ତି ବୋଲି କହିଛନ୍ତି । ଏହି ଆକ୍ରମଣରେ ସାନପୁଅ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି ।

## ବଳାତ୍କାର ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ନୟାଗଡ଼,୧୭।୮(ଲୋକନାଥ ମିଶ୍ର)

ନୟାଗଡ଼ ପୋକ୍‌ସୋ କୋର୍ଟରେ ନୟାଗଡ଼ ଟାଉନ ଥାନା ଅଞ୍ଚଳର ଏକ ବଳାତ୍କାର ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ପୋକ୍‌ସୋ କୋର୍ଟ ବିଚାରପତି ନିରଞ୍ଜନ ପଣ୍ଡା ଏହି ମାମଲାର ବିଚାର କରି ରଣପୁର ଥାନା କୁଟୁଣିଶିଳା ଅଞ୍ଚଳର ଅଭିଯୁକ୍ତ ପଙ୍କଜ ନାୟକ(୬୫)ଙ୍କୁ ଦୋଷୀ ସାବ୍ୟସ୍ତ କରି ୬ ପୋକ୍‌ସୋ ଆକ୍ଟରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୩୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦୟେ ଅଧିକ ୧୧ମାସ ଜେଲ ଭୋଗିବାକୁ ନିର୍ଦ୍ଦେଶ ରହିଛି । ଅନ୍ୟପକ୍ଷେ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା ଦେବାକୁ ଡିଏଲସିକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ନୟାଗଡ଼ ଟାଉନ ଥାନା ଅଞ୍ଚଳର ୧୫ ବର୍ଷର ନାବାଳିକାଙ୍କୁ ରଣପୁର ଥାନା କୁଟୁଣିଶିଳା ଅଞ୍ଚଳର ଅଭିଯୁକ୍ତ ପଙ୍କଜ ନାୟକ ଭୁବନେଶ୍ୱରର ଭରତପୁରରେ ରଖି ବଳାତ୍କାର କରିଥିଲେ। ଏହାକୁ ନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୨/୨୨)ରୁଜୁ କରି ତଦନ୍ତ କରିଥିଲା । ପରେ ଅଭିଯୁକ୍ତଙ୍କୁ ତଦନ୍ତକାରୀ ଅଧିକାରୀ ଧର୍ମେନ୍ଦ୍ର ସିଆଳ ଭୁବନେଶ୍ୱରୁ ଗିରଫ କରି୨୦୨୨ ଜୁନ ୧୦ରେ କୋର୍ଟ ଚାଲାଣ କରିଥିଲେ । ସେଦିନଠାରୁ ଅଭିଯୁକ୍ତ ଜେଲରେ ଅଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପୋକ୍‌ସୋ ଓକିଲ ଦାଶରଥି ସାହୁ ମକଦ୍ଦମା ପରିଚାଳନା କରିଥିଲେ।

## ୬ ଗ୍ରାମ ବ୍ରାଉନସୁଗାର ଜବତ

### ଜେଲ ଗଲେ ବ୍ୟବସାୟୀ

ନୟାଗଡ଼,୧୭।୮(ଲୋକନାଥ ମିଶ୍ର)

ନୟାଗଡ଼ ଟାଉନ ଥାନା ପୋଲିସ ସିନ୍ଦୁରିଆଠାରୁ ଦୁର୍ଗାପ୍ରସାଦ ମୁଣ୍ଡିଆସାହିର ବ୍ରାଉନସୁଗାର ବ୍ୟବସାୟୀ ବୈକୁଣ୍ଠ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ବୈକୁଣ୍ଠଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ବୈକୁଣ୍ଠଙ୍କଠାରୁ ୬.୧୭୦ ଗ୍ରାମ ବ୍ରାଉନସୁଗାର ଓ ଏକ ମୋବାଇଲ ଫୋନ ଜବତ ହୋଇଛି । ସେ ସିନ୍ଦୁରିଆଠାରେ ବ୍ରାଉନସୁଗାର ବିକ୍ରି କରୁଥିବାବେଳେ ପୋଲିସ ଗିରଫ କରି ଏକ ମାମଲାରୁଜୁ କରି ଘଟଣାର ତଦନ୍ତ କରିଥିଲା।

## ଫୁଟବଲ ଟୁର୍ନାମେଣ୍ଟ, ଜିଲାପାଳ ଏକାଦଶ ବିଜୟୀ

ନୟାଗଡ଼,୧୭।୮(ଲୋକନାଥ ମିଶ୍ର)

ନୟାଗଡ଼ ଖେଳ ପଡ଼ିଆରେ ମଙ୍ଗଳବାର ସାମ୍ବାଦିକ ଏକାଦଶ ଓ ଜିଲାପାଳ ଏକାଦଶ ମଧ୍ୟରେ ଅନୁଷ୍ଠିତ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍‌ରେ ଜିଲାପାଳ ଏକାଦଶ ବିଜୟୀ ହୋଇଛି । ଏଥିରେ ଜିଲାପାଳ ଏକାଦଶ ୯-୦ ଗୋଲରେ ସାମ୍ବାଦିକ ଏକାଦଶ ପରାସ୍ତ କରିଛି । ଜିଲାପାଳ ଏକାଦଶରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ, ଉପଜିଲାପାଳ ଶକ୍ତିକାନ୍ତ ରାୟ, ନୟାଗଡ଼ ତହସିଲଦାର ପ୍ରମୁଖ ଖେଳିଥିଲେ । ବିଜୟୀ ଦଳକୁ ଜିଲାପାଳ ଟ୍ରଫି ଓ ପରାଜିତ ଦଳକୁ ରନର୍ସ ଟ୍ରଫି ପ୍ରଦାନ କରିଥିଲେ ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଲିଟିଲି



@ ରାଜେଶ



@ ସରିତ୍ ସଙ୍ଗମ



@ ସିଦ୍ଧ



@ ସୂର୍ଯ୍ୟକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବା।

## ଆଜି ଛୁଟିରେ ଯିବେ ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ

### ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଗଲା

ଖଣ୍ଡପଡ଼ା,୧୭।୮ (ଅଜୟ କୁମାର ମହାରଣା)

ବିଭିନ୍ନ ଦାବିପୁରଣ ନେଇ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ କଳା ବ୍ୟାଚ ପିନ୍ଧି ଆନ୍ଦୋଳନ ଚଳାଇନ୍ତି । ରାଜ୍ୟ ସଂଘର ନିଷ୍ପତ୍ତି କ୍ରମେ ଶୁକ୍ରବାର ଅର୍ଥାତ୍ ୧୮ ତାରିଖରୁ ସମସ୍ତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ ଛୁଟିରେ ଯିବେ । ଏହି ଅବସରରେ ଖଣ୍ଡପଡ଼ା ବ୍ଲକରେ କାର୍ଯ୍ୟରତ ସମସ୍ତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୁରୁବାର ବ୍ଲକ କାର୍ଯ୍ୟାଳୟରେ ବିଡିଓ ଅରୁଣୀମା ସାହୁଙ୍କୁ ଭେଟି ଏ ସମ୍ପର୍କୀତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ ଛୁଟିରେ ଯାଉଥିବାରୁ ସମସ୍ତ ପଞ୍ଚାୟତର ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେବ । ପଞ୍ଚାୟତ କାର୍ଯ୍ୟାଳୟରେ ଅଚଳାବସ୍ଥା ଦେଖା ଦେବାର ଆଶଙ୍କା ପ୍ରକାଶ ପାଇଛି।



କାର୍ଯ୍ୟନିର୍ବାହୀ ଅଧିକାରୀମାନେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

## ଶ୍ରବଣ ବାଧିତଙ୍କ ଆକଳନ ପାଇଁ ଶ୍ରୁତି କାର୍ଯ୍ୟକ୍ରମର ଶୁଭାରମ୍ଭ



ଶ୍ରୁତି କାର୍ଯ୍ୟକ୍ରମ ଅବସରରେ ଭ୍ରାମ୍ୟମାଣ ଭ୍ୟାନ ଯାତ୍ରାକୁ ଶୁଭାରମ୍ଭ କରାଯାଉଛି ।

ଓଡ଼ଗାଁ, ୧୭।୮(ଆଦର୍ଶ କୁମାର ପଟ୍ଟନାୟକ)

ଶ୍ରବଣ ବାଧିତଙ୍କ ଶ୍ରବଣ ଜନିତ ସମସ୍ୟାର ଆକଳନ ଓ ଚିକିତ୍ସା ନିମନ୍ତେ ବୁଧବାର ଶ୍ରୁତି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଓଡ଼ଗାଁ ବ୍ଲକ ଅନ୍ତର୍ଗତ ରୋହିବାଙ୍କ ସମ୍ଭବ ଆଶ୍ରମ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ମୁଖ୍ୟଅତିଥି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ.ରମାକାନ୍ତ ପଣ୍ଡା ମୁଖ୍ୟବକ୍ତା ଭାବେ ଅଂଶଗ୍ରହଣ କରିବା ସହିତ ଏହି ପ୍ରକଳ୍ପ ଅନ୍ତର୍ଗତ ଏକ ଭ୍ରାମ୍ୟମାଣ ଭ୍ୟାନକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଭ୍ୟାନରେ ଶ୍ରବଣ ପରୀକ୍ଷା ଯନ୍ତ୍ରପାତି, ଶ୍ରବଣ ବିଶେଷଜ୍ଞ ରହିବା ସହିତ ଭ୍ୟାନ ଗାଁ କୁ ଗାଁ ଓ ସ୍କୁଲକୁ ବୁଲି ଶ୍ରବଣ ବାଧିତଙ୍କୁ ପରୀକ୍ଷା କରିବା ସହିତ ଆବଶ୍ୟକ ଚିକିତ୍ସା ଯୋଗାଇଦେବ । ଏହି ଭ୍ୟାନ ପ୍ରଥମେ ଭଞ୍ଜନଗର ଅଞ୍ଚଳ ଗସ୍ତ କରୁଥିବା ବେଳେ ସେପ୍ଟେମ୍ବର ମାସର ପ୍ରଥମ ଦୁଇ ସପ୍ତାହ ସମ୍ଭବ ଆଶ୍ରମରେ ରହି ଓଡ଼ଗାଁ ଓ ଏହାର ଆଖପାଖ ଅଞ୍ଚଳ ଗସ୍ତ କରିବ ବୋଲି ଜଣାଯାଇଛି। ଆରମ୍ଭରେ ସମ୍ଭବ ସମ୍ପାଦିକା ପଦ୍ମଶ୍ରୀ ସାବରମତୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଇନାର ସ୍ନେହ ମିଶ୍ର ଏହାକୁ ପରିଚାଳନା କରୁଥିବା ସ୍ନେହ ଫାଉଣ୍ଡେଶନ ଓ ଶ୍ରୁତି ସମ୍ପର୍କରେ ସୂଚନା ଦେଇଥିଲେ । ସାମାଜିକ କର୍ମୀ ଦାମୋଦର ସାହୁ, ବିଇଓ ଗୀତାଞ୍ଜଳି ସାହୁ, ଓଡ଼ଗାଁ ସିଏଚସି ଇନଚାର୍ଜ ଡ଼ ଦୀପକ ବଳ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସମ୍ଭବ ସ୍ୱେଚ୍ଛାସେବୀ ରାମକୃଷ୍ଣ ସାହୁ ଓ ଡ଼. ସୂର୍ଯ୍ୟନାରାୟଣ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## କଣ୍ଟିଲୋରେ ତ୍ରିରଙ୍ଗା ଶୋଭାଯାତ୍ରା

ଖଣ୍ଡପଡ଼ା,୧୭।୮(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋଠାରେ ମଙ୍ଗଳବାର ଭାରତୀୟ ଜନତା ଯୁବମୋର୍ଚ୍ଚା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା ଯୋଗଦେଇଥିଲେ । ଏହି ଅବସରରେ ୧୦୦ ଫୁଟର ତ୍ରିରଙ୍ଗା ଶୋଭାଯାତ୍ରା ରାଜ୍ୟ ସଭାପତି ପଣ୍ଡାଙ୍କ ନେତୃତ୍ୱରେ ସ୍ଥାନୀୟ ଗାନ୍ଧୀପାର୍କ ଠାରୁ ବାହାରି ଗ୍ରାମର ପ୍ରତ୍ୟେକ ସାହି ଓ ବଜାର ପରିକ୍ରମା କରିଥିଲା । ରାଜ୍ୟ ସଭାପତି ପଣ୍ଡା ଶ୍ରୀ ନୀଳମାଧବଙ୍କ ଦର୍ଶନ କରି ଦେଶମାତୃକାର ସୁରକ୍ଷା ଦିଗରେ ପ୍ରାର୍ଥନା କରିଥିଲେ ।

## ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

### ନାବାଳିକାଙ୍କୁ ବଳାତ୍କାର ମାମଲା

ନୟାଗଡ଼,୧୭।୮(ଲୋକନାଥ ମିଶ୍ର)

ନୟାଗଡ଼ ପୋକ୍‌ସୋ କୋର୍ଟରେ ଚାନ୍ଦପୁର ଥାନା ଅଞ୍ଚଳର ଏକ ନାବାଳିକା ବଳାତ୍କାର ଘଟଣାର ରାୟ ଗୁରୁବାର ପ୍ରକାଶ ପାଇଛି। ପୋକ୍‌ସୋ କୋର୍ଟ ବିଚାରପତି ନିରଞ୍ଜନ ପଣ୍ଡା ବଳାତ୍କାର ମାମଲାର ବିଚାର କରି ଚାନ୍ଦପୁର ଥାନା ଅଞ୍ଚଳର ଅଭିଯୁକ୍ତ ପ୍ରଶାନ୍ତ ପଲେଇ(୩୬)ଙ୍କୁ ଦୋଷୀ ସାବ୍ୟସ୍ତ କରି ପୋକ୍‌ସୋ ୪(୨) ଆକ୍ଟରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୫ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦୟେ ଅଧିକ ୬ମାସ ଜେଲ ଭୋଗିବାକୁ ନିର୍ଦ୍ଦେଶ ରହିଛି । ଅନ୍ୟପକ୍ଷେ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା ଦେବାକୁ ଜିଲା ଆଇନସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ବିବରଣୀ ଅନୁଯାୟୀ, ୨୦୨୨ ଫେବୃୟାରୀ ୨୭ରେ ଚାନ୍ଦପୁର ଅଞ୍ଚଳର ପ୍ରଶାନ୍ତ ପଲେଇ ଜଣେ ୧୫ ବର୍ଷର ନାବାଳିକାଙ୍କୁ ରାଇପଡାସ୍ଥ ବାତ୍ୟା ଆଶ୍ରୟସ୍ଥଳୀକୁ ନେଇ ବଳାତ୍କାର କରିଥିଲେ । ଏହାକୁ ନେଇ ପୀଡ଼ିତାଙ୍କ ମା ଚାନ୍ଦପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୩୬/୨୨)ରୁଜୁ କରି ତଦନ୍ତ କରିଥିଲା । ପରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସେଦିନ ଠାରୁ ପ୍ରଶାନ୍ତ ଜେଲରେ ଅଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପୋକ୍‌ସୋ ଓକିଲ ଦାଶରଥି ସାହୁ ମକଦ୍ଦମା ପରିଚାଳନା କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୮ ଅଗଷ୍ଟ, ୨୦୨୩



## ସଂକ୍ଷେପରେ

### ୧୯ରୁ ରାଜ୍ୟ ସୋଟୋକାନ କରାଟେ ଚାମ୍ପିୟନଶିପ

ଛତିଆ,୧୭।୮(ସୌମ୍ୟ ରଞ୍ଜନ ସାହୁ): ଆସନ୍ତା ୧୯ ତାରିଖରୁ ୧୭ତମ ରାଜ୍ୟ ସୋଟୋକାନ କରାଟେ ଚାମ୍ପିୟନଶିପ ପ୍ରତିଯୋଗିତା ଯାଜପୁର ଜିଲା ଛତିଆସ୍ଥିତ ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ ଇଣ୍ଡୋର୍ ହଲ ପରିସରରେ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ବାଳିକା ଓ ବାଳକ ବିଭାଗରେ ୩୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଉକ୍ତ ପ୍ରତିଯୋଗିତା ୨ ଦିନ ଧରି ଚାଲିବ ବୋଲି ରାଜ୍ୟ ସୋଟୋକାନ କରାଟେର ପରାମର୍ଶଦାତା ସନକ କୁମାର ଦେଓ ସୂଚନା ଦେଇଛନ୍ତି।

### ମୋ କଲେଜ ଅଭିଯାନର ପ୍ରସ୍ତୁତି ବୈଠକ

ଜେନାପୁର,୧୭।୮(ଅଶୋକ ଦାସ): ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମୁକୁନ୍ଦପାତ୍ର ଡିଗ୍ରୀ ମହାବିଦ୍ୟାଳୟରେ କଲେଜ ଅଧ୍ୟକ୍ଷା କବିତା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ମହାବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ମୋ କଲେଜ ଅଭିଯାନର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ବୈଠକର ଆଭିମୁଖ୍ୟ ସମ୍ପର୍କରେ ଉଲ୍ଲେଖ କରି ମୋ କଲେଜ ଅଭିଯାନ ଆରମ୍ଭ କରିବା ପାଇଁ ଏକ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଆଲୋଚନା ପରେ ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ଏକ ମହାବିଦ୍ୟାଳୟ ସ୍ତରୀୟ କମିଟି ଗଠନ କରାଯାଇଥିଲା ଏବଂ ଏହାକୁ ସଫଳ କରିବା ପାଇଁ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା। ଗଠନ ହୋଇଥିବା ନୂତନ କମିଟିର ସଭ୍ୟମାନେ ମହାବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ଅଧିକରୁ ଅଧିକ ଛାତ୍ରୀଛାତ୍ରଙ୍କୁ ସାମିଲ କରି ଏହାକୁ ସଫଳ କରିବାକୁ ସଂକଳ୍ପ ନେଇଥିଲେ। ସଭାରେ ଉପସ୍ଥିତ ଛାତ୍ରୀଛାତ୍ର ନିଜନିଜର ବକ୍ତବ୍ୟ ମାଧ୍ୟମରେ କଲେଜ ଜୀବନର ଅଭୁଲା ସ୍ମୃତିକୁ ଅନ୍ୟମାନଙ୍କ ସହ ବାଣ୍ଟିଥିଲେ। ବୈଠକରେ ସ୍ଥାନୀୟ ସରପଞ୍ଚ ବିପିନ ବିହାରୀ ସେଠୀ, ଜିତେନ୍ଦ୍ର ରାଉତ, ଜ୍ଞାନରଞ୍ଜନ ସାହୁ, ପୁରାତନ ଛାତ୍ରୀଛାତ୍ର, ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

### ନାବାଳିକା କଲେଜ ଛାତ୍ରୀ ନିଖୋଜ

ରସୁଲପୁର,୧୭।୮(ରଞ୍ଜିତ ରାଉତ): କୁଆଖିଆ ଥାନା ଅନ୍ତର୍ଗତ ମୁଗୁପାଳ ଅଞ୍ଚଳର ଜଣେ ନାବାଳିକା କଲେଜ ଛାତ୍ରୀ ନିଖୋଜ ହୋଇ ଯାଇଥିବା ତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ଖୋଜାଖୋଜି ଆରମ୍ଭ କରିଛି। ନିଖୋଜ ନାବାଳିକା ଜଣକ ମୁଗୁପାଳ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟରେ ଯୁକ୍ତ ୨ ଶ୍ରେଣୀର ପ୍ରଥମ ବର୍ଷର ଛାତ୍ରୀ। ସେ ଗୁରୁବାର ସକାଳୁ ଘରୁ କଲେଜକୁ ଆସି ଆଉ ଫେରି ନାହାନ୍ତି। ଝିଅ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ କଲେଜରେ ପଚରାଉଚରା କରିଥିଲେ। ପରେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହେବାପରେ ତାଙ୍କ ବାପା ପୋଲିସ ସହାୟତା ନେଇଛନ୍ତି। ଏସ୍‌ଆଇ ଅନିତା ପ୍ରଧାନ ମାମଲାର ତଦନ୍ତ କରୁଛନ୍ତି।

### ଶତାୟୁ ମହିଳାଙ୍କ ପରଲୋକ

ବରୀ,୧୭।୮(ମହେନ୍ଦ୍ର ସ୍ୱାଇଁ):



ବରୀ ବ୍ଲକ ଅଧୀନ ମଦାରୀ ପଞ୍ଚାୟତ ଅଣିକଣା ଗ୍ରାମର ଶତାୟୁ ମହିଳା ପୂର୍ଣ୍ଣିମା ଦିବ୍ୟା ପଣ୍ଡାଙ୍କ ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କୁ ୧୦୫ ବର୍ଷ ବୟସ ହୋଇଥିଲା। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟରେ ଯୋଗଦେଇ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବରୀ ବିଧାୟିକାଙ୍କ ପ୍ରତିନିଧି ଦେବେନ୍ଦ୍ର ଦାସ, ଈଶ୍ୱର ଚନ୍ଦ୍ର ଜେନା, ପ୍ରାକ୍ତନ ସରପଞ୍ଚ କବିତା ପଣ୍ଡା, ଯୋଗେନ୍ଦ୍ର ଜେନା, ଯୁବ ସାମାଜିକ କର୍ମୀ ହରିହର ପଣ୍ଡାଙ୍କ ସମେତ ବହୁ ବୁଦ୍ଧିଜୀବୀ ଏବଂ ଶିକ୍ଷାବିତ୍ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ପୁଅ ବିପିନ ପଣ୍ଡା ମୁଖାଗ୍ନି ଦେଇଥିଲେ।

# ୨ ବେଆଇନ ଇଟାଭାଟି ସିଲ୍

- ପରୋକ୍ଷରେ ସୁରକ୍ଷା ଦେଉଥିଲା ତହସିଲ ପ୍ରଶାସନ
- ହାଇକୋର୍ଟରେ ମାମଲା ପରେ ଚେତା ପଶିଲା
- ୭ ବର୍ଷ ହେଲା ଜଙ୍ଗଲ ବିଭାଗର ନିର୍ଦ୍ଦେଶକୁ ଅମାନ୍ୟ
- ବିନା ଜରିମାନାରେ ସିଲ୍ କରି ମାଲିକଙ୍କୁ ସୁରକ୍ଷା



ବେଆଇନ ଚିମିନି ଇଟା ଭାଟି ସିଲ୍ ହେଉଛି।

ଯାଜପୁର,୧୭।୮ (ହର୍ଷବର୍ଦ୍ଧନ ବେହେରା): ଯାଜପୁର ଜିଲା ସଦର ବ୍ଲକ ସମେତ କୋରେଇ, ଧର୍ମଶାଳା, ରସୁଲପୁର, ବରୀ ଆଦି ବ୍ଲକ ଅଞ୍ଚଳର ବୈତରଣୀ, ବ୍ରାହ୍ମଣୀ ଓ ଏହାର ଶାଖାନଦୀ କୂଳରେ ଛତୁ ଫୁଟିଲା ଭଳି ଇଟାଭାଟି ଦିନକୁ ଦିନ ଗଢ଼ି ଉଠୁଛି। ସେଥିମଧ୍ୟରୁ କେତେଜଣ ବିଭାଗୀୟ ଅଧିକାରୀଙ୍କଠାରୁ କୌଣସି ଅନୁମତି କିମ୍ବା ମଞ୍ଜୁରୀ ଆଣି ନାହାନ୍ତି। ଏପରି କି ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗର କୌଣସି ସମ୍ମତି ନାହିଁ। ଏହି କ୍ରମରେ ଜଙ୍ଗଲ ବିଭାଗ ପକ୍ଷରୁ ଗତ ୨୪।୭।୨୦୧୬ରେ ଆବଶ୍ୟକ ଅନୁମତି ନ ଥିବା ଦର୍ଶାଇ ବେଆଇନ ଇଟାଭାଟିଗୁଡ଼ିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଗତ ପ୍ରାୟ ୭ ବର୍ଷ ହେବ ଏହି ନିର୍ଦ୍ଦେଶକୁ ଅମାନ୍ୟ କରି ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହାୟତାରେ ଅନେକ ବେଆଇନ ଇଟାଭାଟି ଚାଲିଥିଲା। ଫଳରେ ଜିଲାର ଯାଜପୁର ତହସିଲ ଅନ୍ତର୍ଗତ ପଥରପଦା ଗ୍ରାମର ଡିକେଡି ଏବଂ ବ୍ୟାସନଗର ତହସିଲ ଅନ୍ତର୍ଗତ ବରପଦା ଗ୍ରାମର ମହାବୀର ନାମରେ ଥିବା ଇଟାଭାଟିର ଉତ୍କଟ ବାୟୁ ପ୍ରଦୂଷଣରେ ଅତିଷ୍ଠ ଅଞ୍ଚଳବାସୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟରେ ଏନେଇ ୨୪୦୯୩/୨୦୨୩ ଏବଂ ୨୪୦୯୨/୨୦୨୩ ନମ୍ବରରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା । ଗତ ୯।୮।୨୦୨୩ରେ ହାଇକୋର୍ଟଙ୍କ ପକ୍ଷରୁ ଯାଜପୁର ଜିଲାପାଳଙ୍କୁ ଆବଶ୍ୟକ ତଦନ୍ତ କରି ୨ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଏହାପରେ ଗୁରୁବାର ସମ୍ପୃକ୍ତ ତହସିଲ ପ୍ରଶାସନ ପକ୍ଷରୁ ଉପରୋକ୍ତ ଦୁଇଟି ଇଟାଭାଟିକୁ ସିଲ କରାଯାଇଛି। ରାଜ୍ୟ ସରକାର ଏହି ୭ ବର୍ଷ ମଧ୍ୟରେ ଏଭଳି ବେଆଇନ ଇଟାଭାଟିଗୁଡ଼ିକ ପାଇଁ ବିପୁଳ କୋଟି ଟଙ୍କାର ରାଜସ୍ୱ ହରାଇଛି। ତେଣୁ ବିନା ଜରିମାନା ଆଦାୟ କରି ଏହି ବେଆଇନ କାରବାରକୁ ପରୋକ୍ଷରେ ପ୍ରୋତ୍ସାହନ ଦେଇ ଆସୁଥିବା ସଂପୃକ୍ତ ତହସିଲଦାରମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଅଭିଯୋଗ ଅନୁଯାୟୀ, ଇଟାଭାଟିରୁ ନିର୍ଗତ ଧୂଆଁରେ ଶତାଧିକ ଗାଁ ଲୋକେ ସନ୍ତୁଳି ହେଉଛନ୍ତି । ପ୍ରଶାସନିକ ଅଧିକାରୀମାନେ ଭାଟି ମାଲିକଙ୍କଠାରୁ ମୋଟା ଅଙ୍କର ଚାନ୍ଦା କରି କୌଣସି ଆଖିଦୃଶିଆ ପଦକ୍ଷେପ ନେଉ ନ ଥିବାରୁ ଇଟା ବେପାରୀମାନେ ମନଇଚ୍ଛା କାର୍ଯ୍ୟ ଜାରି ରଖିଛନ୍ତି ବୋଲି ଅଭିଯୋଗ ହେଉଛି। ଏହାସହ ଇଟାଭାଟିର ଚିମିନିଗୁଡିକରୁ ନିର୍ଗତ ଧୂଆଁରେ ଆଖପାଖ ଲୋକେ ଅଣନିଃଶ୍ୱାସୀ ହୋଇ ପଡୁଛନ୍ତି । ଫଳରେ ଧୂଳିଧୂଆଁ ଜନିତ ଯକ୍ଷ୍ମାରୋଗ ଜିଲାରେ ଅଣାୟତ୍ତ ହେବାରେ ଲାଗିଛି । ବୈତରଣୀ ନଦୀ ତଟବର୍ତ୍ତୀ କୋରେଇ ବ୍ଲକ ଅଞ୍ଚଳରେ ଇଟାଭାଟି ସଂଖ୍ୟା ବଢ଼ିବାରେ ଲାଗିଛି । ବେରୁଦା, ଯମୁନା, ନନଚିଁକିରି, କତରାପୁର, ମୁଲରୀ, ମକୁନ୍ଦପୁର, ରଣପୁର, ମୂଳାପାଳ, ରଣପାଲ, କୋଲସାହି, ତାନପୁର, ଧନପୁର, ଚାନ୍ଦପୁର, ଆଲିଆ, ବରପଦା, ପଥରପଦା ଆଦି ସ୍ଥାନରେ ଇଟାଭାଟିର ଧୂଆଁ ଲୋକଙ୍କ ଜୀବନଜୀବିକାକୁ ପ୍ରଭାବିତ କରୁଛି । ସେହିପରି ଖରସ୍ରୋତା ଓ ବ୍ରାହ୍ମଣୀ ନଦୀକୂଳରେ ମଧ୍ୟ ବେଆଇନ ଇଟାଭାଟି ସଂଖ୍ୟା ବଢିବାରେ ଲାଗିଛି। ଇଟାଭାଟିଗୁଡିକରୁ ସରକାର ଦ୍ୱାରା ନିର୍ଦ୍ଧାରିତ ରାଜସ୍ୱ ଆଦାୟ ମଧ୍ୟ ପଛରେ ପଡିଛି । ଏହାବାଦ୍ ବୈତରଣୀ, ବ୍ରାହ୍ମଣୀ ଓ ଖରସ୍ରୋତା ନଦୀର ଉଭୟ ପାର୍ଶ୍ୱରେ ଥିବା ଶତାଧିକ ଇଟାଭାଟିରୁ ନିର୍ଗତ ଧୂଆଁରେ ଆଖପାଖ ସ୍କୁଲରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର ମଧ୍ୟ ପ୍ରଭାବିତ ହେଉଛନ୍ତି । ଏଭଳି ସ୍ଥିତିରେ ଅଞ୍ଚଳବାସୀ ବହୁବାର ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କେହି ଶୁଣୁ ନାହାନ୍ତି। ଏପରି କି ସଂପୃକ୍ତ ଗ୍ରାମବାସୀ ସ୍ଥାନୀୟ ପୋଲିସ ସହାୟତା ଲୋଡିଥିଲେ। କିନ୍ତୁ ପୋଲିସ ମଧ୍ୟ ନୀରବି ଯାଇଥିଲା। ତେଣୁ ଏହି ମାମଲାଗୁଡିକୁ ହାଇକୋର୍ଟ ଅତି ଗୁରୁତ୍ୱପୂର୍ଣ୍ଣ ମନେ କରି ଆସନ୍ତା ୨୧।୮।୨୦୨୩ ସୁଦ୍ଧା କାଉଣ୍ଟର ଆଫିଡେଭିଟ ଦାଖଲ କରିବାକୁ ଷ୍ଟେଟ କାଉନସିଲକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହା ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ଉପରୋକ୍ତ ଦୁଇଟି ବେଆଇନ ଇଟାଭାଟିଗୁଡିକୁ ସିଲ କରି ଦେଇ ନିଜର ଦୁର୍ବଳତାକୁ ଚପାଇ ଦେବାକୁ ଉଦ୍ୟମ କରିଥିବା ସନ୍ଦେହ କରାଯାଇଛି। କେବଳ ବେଆଇନ ଇଟାଭାଟିଗୁଡିକୁ ସିଲ୍ କରାଯାଇଥିବାବେଳେ ସଂପୃକ୍ତ ସରକାରୀ ଅଧିକାରୀମାନଙ୍କୁ କ୍ଷମା କରି ଦିଆଯାଇଥିବା ସାଧାରଣରେ ଆଲୋଚନା ହେଉଛି। ଏ ସଂକ୍ରାନ୍ତରେ ଯାଜପୁର ଅତିରିକ୍ତ ଜିଲାପାଳ(ରାଜସ୍ୱ) ସୁରେନ୍ଦ୍ର ସାମଲଙ୍କୁ ପଚାରିବାରେ ସେ କହିଛନ୍ତି, ହାଇକୋର୍ଟଙ୍କ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ହୋଇଥିଲା। ତଦନୁସାରେ ବିହିତ ପଦକ୍ଷେପ ନିଆଯାଇଛି।

## ବ୍ରାହ୍ମଣୀ ନଦୀପଠାରୁ ମିଳିଲା ଗଳିତ ମୃତଦେହ

### ପୋଲିସ ତଦନ୍ତ ଆରମ୍ଭ

ଧର୍ମଶାଳା/ରସୁଲପୁର,୧୭।୮ (ବଟକୃଷ୍ଣ ପରିଡ଼ା /ରଞ୍ଜିତ ରାଉତ): ଧର୍ମଶାଳା ଥାନା ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଦୁର୍ଗାପୁର ଗ୍ରାମ ନିକଟ ବ୍ରାହ୍ମଣୀ ନଦୀ ପଠାରୁ ଗୁରୁବାର ଏକ ଅଜଣା ଗଳିତ ମୃତଦେହ ଜବତ କରାଯାଇଛି। ଧର୍ମଶାଳା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ସଂରକ୍ଷିତ ରଖିଛି। ଉକ୍ତ ମୃତହେଦ କେଉଁଠୁ, ଆଉ କେଉଁ ପରିସ୍ଥିତିରେ ଏହି ସ୍ଥାନକୁ ଆସିଲା, ସେ ସବୁ ଦିଗକୁ ପୋଲିସ ପକ୍ଷରୁ ତଦନ୍ତ ପରିସରଭୁକ୍ତ କରାଯାଉଛି। ଏ ନେଇ କୌଣସି ସନ୍ଦେହ ସୃଷ୍ଟି ହେଲେ ମୃତଦେହର ଅଂଶ ବିଶେଷକୁ ପରୀକ୍ଷା ପାଇଁ ପଠାଯିବ ବୋଲି ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

ତାଙ୍କ ସୂଚନା ମୁତାବକ, ଦୁର୍ଗାପୁର ଗାଁ ନଦୀଛନ୍ଦା ନିକଟରେ ମୃତଦେହ ଭାସୁଥିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସର ଏକ ଟିମ୍ ପହଞ୍ଚି ତାହାକୁ ଜବତ କରିଥିଲା। ପରେ ତାହା ଏକ ଅଜଣା ଗଳିତ ମୃତଦେହ ବୋଲି ଜଣାପଡ଼ିଥିଲା। ମୃତଦେହର ଅଧିକାଂଶ ଅଂଶ ପଚି ଛିଣ୍ଡି ଯାଇ ନରକଙ୍କାଳ ସ୍ଥିତିକୁ ଆସିଯାଇଛି। ଏ ନେଇ ପୋଲିସ ନିଜ ଆତ୍ମ ନଂ.୧୬/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏ ଦିଗରେ କୌଣସି ଅଭିଯୋଗ ଆସିଲେ ପୋଲିସ ପକ୍ଷରୁ ତଦନ୍ତର ବିଭିନ୍ନ ଦିଗକୁ ଅନୁଧ୍ୟାନ କରାଯିବ ବୋଲି କୁହାଯାଉଛି।

## ଜାରକା ବଜାର ଗୋପବନ୍ଧୁ ଛକ ମୁଖ୍ୟ ରାସ୍ତାରେ ଗର୍ତ୍ତ



ଜାରକା ବଜାରର ଗୋପବନ୍ଧୁ ଛକ ମୁଖ୍ୟରାସ୍ତାରେ ସୃଷ୍ଟି ହୋଇଥିବା ଗର୍ତ୍ତ।

- ପ୍ରଶାସନର ଦୃଷ୍ଟି ପଡୁନି
- ତୁରନ୍ତ ମରାମତି ଦାବି

କାଏମା,୧୭।୮(ଶିବପ୍ରସାଦ ମହାନ୍ତି): ଧର୍ମଶାଳା ବ୍ଲକ୍ ଅଧୀନ ଜାରକା ବଜାରର ଗୋପବନ୍ଧୁ ଛକ ମୁଖ୍ୟରାସ୍ତାରେ ଏକ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଅସରାଏ ବର୍ଷା ହେଲେ ଗର୍ତ୍ତରେ ପାଣି ଜମି ରହୁଛି। ଲୋକେ ଯାତାୟାତବେଳେ ଜାଣି ନ ପାରି ଦୁର୍ଘଟଣାର ଶିକାର ହେଉଛନ୍ତି। ଏହି ରାସ୍ତା ମୁଖ୍ୟତଃ ୧୬ ନମ୍ବର ଜାତୀୟ ରାଜପଥଠାରୁ ଜାରକା ବଜାର ମଧ୍ୟ ଦେଇ ଧର୍ମଶାଳା ପୋଲିସ ଷ୍ଟେଶନ ଓ ମେଡିକାଲକୁ ସଂଯୋଗ କରୁଛି। ପ୍ରତିଦିନ ଏହି ରାସ୍ତା ଦେଇ କାର, ବାଇକ୍, ଟ୍ରାକ୍ଟର ଓ ଆମ୍ବୁଲାନ୍ସ ଭଳି ଅନେକ ଯାନବାହନ ବହୁ ସଂଖ୍ୟାରେ ଯାତାୟାତ କରିଥାନ୍ତି। ପ୍ରଶାସନିକ ଅଧିକାରୀମାନେ ମଧ୍ୟ ତାଙ୍କ ଗାଡ଼ିରେ ଯାତାୟାତ କରୁଛନ୍ତି। କିନ୍ତୁ ଏହା ଉପରେ କାହାର ଦୃଷ୍ଟି ପଡୁନାହିଁ।

କାଏମା ପଟରୁ ଆସିବା ସମୟରେ ଧର୍ମଶାଳା ମହାବିଦ୍ୟାଳୟ, ବ୍ଲକ, ଷ୍ଟାଡିୟମ ଭଳି ଅନେକ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନକୁ ଏରାସ୍ତା ସଂଯୋଗ କରୁଛି। ତେଣୁ ଶହଶହ ଲୋକ ଏବଂ ଛାତ୍ରୀଛାତ୍ର ଏହି ରାସ୍ତାରେ ଯାତାୟାତ କରୁଛନ୍ତି। ଏଣୁ ଏହା ଏକ ବ୍ୟସ୍ତବହୁଳ ରାସ୍ତା ଭାବେ ଜଣାଶୁଣା। ଏହାର ଉଭୟ ପାର୍ଶ୍ୱରେ ଅନେକ ବ୍ୟବସାୟିକ ପ୍ରତିଷ୍ଠାନ ଥିବାରୁ ଗ୍ରାହକମାନେ ଅସୁବିଧାର ସମ୍ମୁଖୀନ ହୋଇ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏହି ଛକ ଉପରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଥିବା ସତ୍ତ୍ୱେ ଏହାର ଚାରିକଡ଼େ ଅନେକ ଅଳିଆ ଆବର୍ଜନା ପକାଯାଇଥିଲା। କିନ୍ତୁ ସ୍ୱାଧୀନତା ଦିବସ ଉପଲକ୍ଷେ ବଜାର କମିଟି ଓ ସେବା ସଙ୍ଗଠନ ପକ୍ଷରୁ ତାହାକୁ ସଫେଇ କରାଯାଇଛି। ତେଣୁ ଏହାର ରକ୍ଷଣାବେକ୍ଷଣ ଉପରେ ନଜର ରଖିବା ସହ ରାସ୍ତାକୁ ତୁରନ୍ତ ମରାମତି କରିବାକୁ ସ୍ଥାନୀୟ ଲୋକେ ଓ ବ୍ୟବସାୟୀମାନେ ଦାବି କରିଛନ୍ତି।

## ପଞ୍ଚସଖା ସଙ୍ଗଠନ ପକ୍ଷରୁ ସହାୟତା ପ୍ରଦାନ

ଝୁମ୍ପୁରୀ,୧୭।୮(ସରୋଜ ନାୟକ): ଦଶରଥପୁର ବ୍ଲକ୍ ମଲ୍ଲିକାପୁର ପଞ୍ଚାୟତସ୍ଥ ମହାନ୍ତିପାଟଣା ଗ୍ରାମର କିଡ୍‌ନୀ ରୋଗରେ ଆକ୍ରାନ୍ତ ରକ୍ଷାକର ମଲ୍ଲିକଙ୍କୁ ପଞ୍ଚସଖା ସହାୟତା ସେବା ସଙ୍ଗଠନ ପକ୍ଷରୁ ୧୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ରକ୍ଷାକର ଜଣେ ଗରିବ ଶ୍ରେଣୀର ହୋଇଥିବାରୁ ସଙ୍ଗଠନ ପକ୍ଷରୁ ତାଙ୍କୁ ଏପରି ସହାୟତା ଦିଆଯାଇଛି। ସଙ୍ଗଠନର ସଭ୍ୟ ପ୍ରଶାନ୍ତ ପାଣିଗ୍ରାହୀ, ପ୍ରିୟରଞ୍ଜନ ମଲ୍ଲିକ, ପ୍ରଦୀପ ଜେନା, ପ୍ରଭାତ ମହାନ୍ତି, ସୁଶାନ୍ତ ସାହୁ ଓ ସମସ୍ତବରେଜ ପ୍ରମୁଖ ମଲ୍ଲିକଙ୍କ ଘରେ ପହଞ୍ଚି ଏହି ସହାୟତା ରାଶି ପ୍ରଦାନ କରିଛନ୍ତି।



## ଆରୁହା ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା



ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ଯାଜପୁର,୧୭।୮(ହର୍ଷବର୍ଦ୍ଧନବେହେରା): ଯାଜପୁର ଜିଲା ଆରୁହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ପ୍ରସନ୍ନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାହାସପୁର କଲେଜର ପୂର୍ବତନ ଅଧ୍ୟକ୍ଷ ଚିତ୍ତରଞ୍ଜନ ମହାନ୍ତି ମୁଖ୍ୟଅତିଥି, ସଙ୍କୁଳ ସଂଯୋଜକ ସତ୍ୟାନନ୍ଦ ପଣ୍ଡା, ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଶ୍ରୀକାନ୍ତ ପଣ୍ଡା, ପରିଚାଳନା ସମିତିର ଉପସଭାପତି ଦିଲୀପ ସାମଲ, ସହ ସମ୍ପାଦକ ସଚ୍ଚିଦାନନ୍ଦ ପାତ୍ର, କୋଷାଧ୍ୟକ୍ଷ ମଧୁସୂଦନ ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ସମାରୋହରେ ବାବା ଭୈରାବନନ୍ଦ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରମୋଦ କୁମାର କର ମୁଖ୍ୟଅତିଥି, ସାମାଜିକ କର୍ମୀ ଗଜେନ୍ଦ୍ର ବେହେରା, ସଙ୍କୁଳ ପ୍ରମୁଖ ସଂଗ୍ରାମ କିଶୋର ପରିଡ଼ା, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ନବକିଶୋର ସାମଲ, ରାମ୍‌କୋ କମ୍ପାନୀର ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ପ୍ରଦୀପ କୁମାର ସିଂ, ଧ୍ରୁବାନନ୍ଦ ବଳ ପ୍ରମୁଖ ଉପସ୍ଥିତ ରହି କୁନି ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ୧୧ଟି ସ୍କୁଲର ପ୍ରତିଯୋଗୀ ସାମିଲ ହୋଇଥିଲେ।

## ଇଡ୍‌କୋକୁ ଗୋଚର ଜମି ହସ୍ତାନ୍ତର ଉଦ୍ୟମ

### ଗ୍ରାମବାସୀଙ୍କ ପ୍ରତିବାଦ

ବଡ଼ଚଣା,୧୭।୮ (ଦିଲୀପ କୁମାର ମହାନ୍ତି): ବଡ଼ଚଣା ବ୍ଲକ ଅନ୍ତର୍ଗତ ବନ୍ଦାଳ ପଞ୍ଚାୟତ ବନ୍ଦାଳୋ ଗ୍ରାମର ୩୧ ଏକର ଗୋଚର ଜମିକୁ ଭୁବନେଶ୍ୱରସ୍ଥ ଇଡ୍‌କୋ କାର୍ଯ୍ୟାଳୟ ନେବା ପାଇଁ ଦର୍ପଣ ତହସିଲରେ ଆବେଦନ କରିଛି। ଏକଥା ଜାଣିବା ପରେ ଗ୍ରାମବାସୀ ପ୍ରତିବାଦ ଆରମ୍ଭ କରିଛନ୍ତି। ଏହି ଜମିକୁ ଇଡ୍‌କୋକୁ ନ ଦେବା ପାଇଁ ଗ୍ରାମବାସୀ ତହସିଲଦାରଙ୍କ ନିକଟରେ ଜଣାଇଛନ୍ତି।

ଇଡ୍‌କୋ ଜମିନେଇ ଶିଳ୍ପ ପ୍ରତିଷ୍ଠା କରିବ ବୋଲି ଆବେଦନରେ ଦର୍ଶାଇଛି। ମାତ୍ର ଏହି ଜମିରେ ଉକ୍ତ ଅଞ୍ଚଳର ଲୋକେ ଯାତାୟାତ କରନ୍ତି। ସେମାନଙ୍କ ଗୋରୁ ଚୋରନ୍ତି। କେତେଜଣ ଭୂମିହୀନ ଏହା ଉପରେ ଖୁମ୍ପୁଡ଼ି କରି ରହିଛନ୍ତି। ଏଠାରେ ମହାବୀର ହନୁମାନ ମନ୍ଦିର, ତାରିଣୀ ମନ୍ଦିର, ଶନିଶ୍ଚର ଦେବଙ୍କ ମନ୍ଦିର, ଶିବ ମନ୍ଦିର, ନାଗେଶ୍ୱରୀ ମନ୍ଦିର ପ୍ରମୁଖ ରହିଛି। ଏହାକୁ ଲାଗି ଏକ ଖେଳପଡ଼ିଆ ମଧ୍ୟ ରହିଛି। ଖେଳପଡ଼ିଆକୁ ଲାଗି ଗ୍ରାମର ଶ୍ମଶାନ ରହିଛି। ଏହି ପଡ଼ିଆକୁ ଯଦି ଇଡ୍‌କୋକୁ ହସ୍ତାନ୍ତର କରାଯାଏ ତେବେ ଗ୍ରାମର ଲୋକେ ମୁଖ୍ୟ ରାସ୍ତାକୁ ବାହାରି ପାରିବେ ନାହିଁ। ବହୁ ସମସ୍ୟା ଦେଖାଦେବ। ଏଣୁ ଗ୍ରାମର ବହୁ ଜନସାଧାରଣ ଏହି ବ୍ୟବସ୍ଥାକୁ ଖାରଜ କରିବା ପାଇଁ ଦାବି କରିଛନ୍ତି।

ଏଥିସହିତ ଯାଜପୁର ଜିଲାପାଳ, ଦର୍ପଣ ତହସିଲଦାର, ରାଜସ୍ୱ ମନ୍ତ୍ରୀ, ସ୍ଥାନୀୟ ବିଧାୟକ ଓ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରକୁ ମଧ୍ୟ ଜଣାଇଛନ୍ତି। ଏହି ଜମି ଉପରେ ଗ୍ରାମର ସମସ୍ତ ଜନସାଧାରଣ ନିର୍ଭର କରନ୍ତି ବୋଲି କହିଛନ୍ତି। ଏ ସମ୍ପର୍କରେ ଦର୍ପଣ ତହସିଲଦାରଙ୍କୁ ପଚାରିବାରୁ ସେ କହିଛନ୍ତି, ଇଡ୍‌କୋ ଉକ୍ତ ଜମି ନେବା ପାଇଁ ଆବେଦନ କରିଛି। ଆମ୍ଭେ ପାରିପାର୍ଶ୍ୱିକ ଅବସ୍ଥାକୁ ଅନୁଧ୍ୟାନ କଲାପରେ ବିଚାର କରିବୁ।

## ବିପଦପୂର୍ଣ୍ଣ ଅବସ୍ଥାରେ ପୋଲିସ ବିଟ୍ ହାଉସ



ବିଟ୍ ହାଉସ ଗୃହ ବିପଦସଙ୍କୁଳ ଅବସ୍ଥାରେ ରହିଛି।



ବିଟ୍ ହାଉସ ଛାତରୁ ପ୍ଲାଷ୍ଟର ଖସୁଛି।

ଯାଜପୁରରୋଡ୍,୧୭।୮(ପବିତ୍ର ମହାନ୍ତି): କ୍ରମବର୍ଦ୍ଧିଷ୍ଣୁ ବ୍ୟାସନଗର ସହରର ଲୋକସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ତେଣୁ ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ ଏହି ସହରରେ ଦୁଇଟି ଥାନା ଆବଶ୍ୟକତା ଥିବାବେଳେ ଗୋଟିଏ ଥାନା କାର୍ଯ୍ୟକରୁଛି। ବ୍ୟାସନଗର ସହରଟି ଯାଜପୁରରୋଡ୍ ଥାନା ଅଧୀନରେ ଥିବାରୁ ସହରରେ ଆଇନ ଶୃଙ୍ଖଳା ନିୟନ୍ତ୍ରଣ କରିବାକୁ ମୁଣ୍ଡମାଳ ଫାଣ୍ଡି ଓ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ନିକଟରେ ପୋଲିସ ବିଟ୍ ହାଉସ କାର୍ଯ୍ୟକରୁଛି। ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ନିକଟରେ ଥିବା ବିଟ ହାଉସରେ ଦିନରେ ନାମକୁ ମାତ୍ର ହୋମଗାର୍ଡ ଡ୍ୟୁଟି କରୁଥିବାବେଳେ ରାତ୍ର ସମୟରେ କେହି ରହୁନାହାନ୍ତି। ଅନ୍ୟପକ୍ଷରେ ଏହି ବିଟ ହାଉସଟି ବର୍ତ୍ତମାନ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି।

ଉକ୍ତ ଘରଟି ବହୁ ପୁରୁଣା ହୋଇଥିବାରୁ ଅନୁପଯୋଗୀ ହୋଇପଡ଼ିଛି। ଘରର ଛାତରୁ ପ୍ଲାଷ୍ଟର ଖସିବା ସହିତ ପାଣିଗଳୁଛି। ଘରର ସମ୍ମୁଖ ପଟ ଡ୍ରପ ଭାଙ୍ଗି ବିପଦପୂର୍ଣ୍ଣ ଅବସ୍ଥାରେ ଝୁଲି ରହିଛି। ଫଳରେ ସେଠାରେ କାର୍ଯ୍ୟରତ ପୋଲିସ କର୍ମଚାରୀମାନେ ବାହାରେ ଗଛତଳେ ବସି କାମ କରୁଛନ୍ତି। ଖରା ବର୍ଷାରୁ ରକ୍ଷା ପାଇବା ପାଇଁ ଉକ୍ତ ଘରେ ବିଶ୍ରାମ ନେବାକୁ ସେମାନେ ନିଜକୁ ସୁରକ୍ଷିତ ମାଣୁନାହାନ୍ତି। ଉକ୍ତ ଛକଟି ସହରର ଏକ ପ୍ରବେଶ ପଥ ହୋଇଥିବାବେଳେ ଯାଜପୁରରୋଡ୍ ସ୍ୱାସ୍ଥ୍ୟକେନ୍ଦ୍ର ସହ ୮ ୱାର୍ଡକୁ ସଂଯୋଗ କରୁଛି। ଏହି ସ୍ଥାନଟି ଏକ ଗୁରୁତ୍ୱପୂର୍ଣ୍ଣ ଛକ ହୋଇଥିବାବେଳେ ନିକଟରେ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ, ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଏବଂ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ରହିଛି। ଏଠାରେ ଅସାମାଜିକ ଯୁବକମାନଙ୍କ ଦୌରାତ୍ମ୍ୟ ଯୋଗୁ ଏହି ବିଟ ହାଉସ ପ୍ରତିଷ୍ଠା କରାଯାଇଥିଲା। କିନ୍ତୁ ବିଟ୍ ହାଉସ ସମ୍ପ୍ରସାରଣ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ୮ବର୍ଷ ହେବ ଏହି ବିଟ ହାଉସଟି ଅସ୍ଥାୟୀ ଭାବେ ପୂର୍ବରୁ ଉକ୍ତ ସ୍ଥାନରେ ପରିତ୍ୟକ୍ତ ଅବସ୍ଥାରେ ଥିବା ପୌର ପରିଷଦର ଏକ ଗୃହରେ କାର୍ଯ୍ୟ କରୁଛି। ଏଯାଏ ଏହି ବିଟ ହାଉସର ସ୍ଥାୟୀ ଗୃହ ନିର୍ମାଣ ହୋଇନାହିଁ। ଏହି ସହରରେ ଆଉଏକ ଥାନା ପ୍ରତିଷ୍ଠା ପାଇଁ ତତ୍କାଳୀନ ଏସପି ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରି ଗୃହ ବିଭାଗକୁ ପଠାଇଥିଲେ। ହେଲେ ଉକ୍ତ ଫାଇଲଟି ନାଲିଫିତା ତଳେ ପଡ଼ିରହିଛି। ତେଣୁ ଏହି ବିଟ ହାଉସକୁ ଫାଣ୍ଡିରେ ପରିଣତ କରିବା ପାଇଁ ଦାବି ହୋଇଛି।

## ସଂକ୍ଷେପରେ

### ଦେଶାତ୍ମବୋଧକ କବିତା ଆସର

ପଟ୍ଟାମୁଣ୍ଡାଇ, ୧୭।୮(ଅକ୍ଷୟ ବିଶ୍ୱାଳ)

ଦେଶାତ୍ମବୋଧକ ଭାବନା ଏବେ କମି ଯାଉଥିଲେ ମଧ୍ୟ ଏବେ ବି ସେହି ଦେଶପ୍ରେମୀମାନେ ଭାରତବର୍ଷର ଅଖଣ୍ଡତାକୁ ବଜାୟ ରଖିବାକୁ ସକ୍ଷମ ହୋଇପାରିଛନ୍ତି। ଏହି ଅବସରରେ ପଟ୍ଟାମୁଣ୍ଡାଇର ବେଲେଶ୍ୱର ସାହିତ୍ୟ ସଂସଦ ପକ୍ଷରୁ ପଟ୍ଟାମୁଣ୍ଡାଇ ଟାଉନ କ୍ଲବଠାରେ ଏକ ଦେଶାତ୍ମବୋଧକ କବିତା ଆସର ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ସାହିତ୍ୟ ସଂସଦର ସଭାପତି କବି ବ୍ରଜବନ୍ଧୁ ଦାଶଙ୍କ ପୌରୋହିତ୍ୟରେ ସାହିତ୍ୟ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଫେସର ଭରତ ଚନ୍ଦ୍ର ପାତ୍ର, ସାମାଜିକ କର୍ମୀ ସଚ୍ଚିଦାନନ୍ଦ ଦାଶ, ନାଟ୍ୟକାର ଗୋଲକ ମହାରଣା, ଗାଳ୍ପିକ ପ୍ରଦୀପ ନାୟକ, ପ୍ରଧାପକ ବିରଜାନନ୍ଦ ମହାନ୍ତି, ଆଇନଜୀବୀ ଗୋପୀନାଥ ତ୍ରିପାଠୀ, କବି ସଚିତ୍ର ବେହୁରା, ପ୍ରଧାପକ କୈଳାସ ଚନ୍ଦ୍ର ପାତ୍ର, ହରେକୃଷ୍ଣ ଦାଶ, କବୟିତ୍ରୀ ଆରାଧନା ଦାଶ ପ୍ରମୁଖ ଯୋଗଦେଇ ଦେଶାତ୍ମବୋଧକ କବିତା ଗାନ କରିଥିଲେ। ଏହି ଆସରରେ ଦେବାଶିଷ ପ୍ରଧାନ, ଜ୍ୟୋତିପ୍ରକାଶ ପ୍ରଧାନ, ପ୍ରସନ୍ନ ବେହୁରା, ଟାଉନ କ୍ଲବ ସଭାପତି କେତନ ଦାଶ ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। କବି ତପନ କୁମାର ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାହିତ୍ୟ ସଂସଦର ସମ୍ପାଦକ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

### ଆଜିଠାରୁ ଛୁଟିରେ ଯିବେ ପିଇଓ

**ରାଜନଗର, ୧୭।୮ (ଭାସ୍କର ରାଉତରାୟ):** ୪ ଦଫା ଦାବି ନେଇ ଚଳିତମାସ ୭ ତାରିଖଠାରୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ସଂଘ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ରାଜନଗର ବ୍ଲକରେ କାର୍ଯ୍ୟରତ ପିଇଓମାନେ କଳାବ୍ୟାଜ ପିନ୍ଧି କାର୍ଯ୍ୟ କରୁଛନ୍ତି। ସରକାର ସେମାନଙ୍କ ଦାବି ଶୁଣୁ ନ ଥିବାରୁ ଶୁକ୍ରବାରଠାରୁ ପିଇଓମାନେ ସମୂହ ଛୁଟିରେ ଯିବେ। ଶତପ୍ରତିଶତ ପ୍ରମୋସନ, ୧୦ବର୍ଷରୁ ଅଧିକ କାର୍ଯ୍ୟରତ ପିଇଓଙ୍କୁ ଜିପିଡିଓ ର୍ୟାଙ୍କକୁ ପଦୋନ୍ନତି, ପେ ଲେଭୁଲ ୫କୁ ପରିବର୍ତ୍ତନ କରି ପେ ଲେଭୁଲ ୯ରେ ୩୫,୪୦୦ ଟଙ୍କା ପ୍ରଦାନ ଆଦି ଦାବି ନେଇ ପିଇଓମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଗୁରୁବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଧର୍ମେନ୍ଦ୍ର ଦାଶଙ୍କୁ ସେମାନଙ୍କ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜନଗର ବ୍ଲକରେ କାର୍ଯ୍ୟରତ ପିଇଓ ବିବେକାନନ୍ଦ ମଲ୍ଲିକ, ବିଜୟ କୁମାର ସେଠୀ, ଜ୍ୟୋତି ରଞ୍ଜନ ସାମଲ, ହୃଷୀକେଶ ସେଠୀ, ସ୍ୱାଧୀନ କୁମାର ସ୍ୱାଇଁ ପ୍ରମୁଖ ସାମିଲ ଥିଲେ।

### ଚଣ୍ଡିଆଗଡ଼ି ପଞ୍ଚାୟତରେ ଭତ୍ତା ବଣ୍ଟନ

**ଆଳି,୧୭।୮(ବନମାଳୀ ସେନାପତି):** ଆଳି ବ୍ଲକ ଚଣ୍ଡିଆଗଡ଼ି ପଞ୍ଚାୟତରେ ଗୁରୁବାର ନୂଆ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ସରପଞ୍ଚ ସନାତନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ସମ୍ମାନିତ ଅତିଥି ଭାବେ ମନ୍ତ୍ରୀଙ୍କ ପ୍ରତିନିଧି ସୁମନ୍ତ ରାଉତ ଯୋଗଦେଇ ୪୪ ହିତାଧିକାରୀଙ୍କୁ ଭତ୍ତା ବାଣ୍ଟି ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ପ୍ରତିନିଧି ହିମାଂଶୁ ବାରିକ, ସମିତି ସଭ୍ୟ ରାମଚନ୍ଦ୍ର ଦାସ, ସାମାଜିକ କର୍ମୀ ସୁଭାଶିଷ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହାକୁ ପିଇଓ ଦୁର୍ଗା ମାରାଣ୍ଡି ପରିଚାଳନା କରିଥିଲେ।

# ପଟ୍ଟାମୁଣ୍ଡାଇରେ ବେଧଡ଼କ ଚାଲିଛି ନିଶା କାରବାର

କେନ୍ଦ୍ରାପଡ଼ା,୧୭।୮(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବେଆଇନ ଦେଶୀ ଓ ବିଦେଶୀ ମଦ ସାଙ୍ଗକୁ ଗଞ୍ଜେଇ, ଅଫିମ, ବ୍ରାଉନସୁଗାର କାରବାର କାୟା ମେଲିଛି। ମାତ୍ର ଅବକାରୀ ଓ ପୋଲିସ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ ବୋଲି ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଚୋରା ବ୍ୟବସାୟୀଙ୍କଠାରୁ ଅସାଧୁ କର୍ମଚାରୀମାନେ ମାସିକିଆ ଚାନ୍ଦା ନେଇ ମାତ୍ରାଧିକ ଅନୁକମ୍ପା ଦେଖାଉଛନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଛି।

ଆଇନଜୀବୀ ପ୍ରମୋଦ ସାହୁ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଦିନକୁ ଦିନ ବେଆଇନ ନିଶା କାରବାର ବଢ଼ି ଚାଲିଛି। ବ୍ରାଉନସୁଗାର, ଗଞ୍ଜେଇ, ଅଫିମ, ବିଦେଶୀ ଓ ଦେଶୀ ମଦ ବ୍ୟାପକ ଭାବେ ଚୋରାରେ ବିକ୍ରି ହେଉଛି। ଏହାର କବଳରେ ପଡ଼ି ଯୁବବର୍ଗ ବିଭିନ୍ନ ପ୍ରକାରର ଆପରାଧିକ କାର୍ଯ୍ୟ କରୁଛନ୍ତି। ପରିବାରରେ ଅଶାନ୍ତି ସୃଷ୍ଟି ହେଉଛି। ଏହି ଅଞ୍ଚଳର ଅନେକ ସ୍ଥାନରେ ଛୋଟଛୋଟ ଗୁମ୍ଫି କରି ମଠ ନାମରେ ଗେରୁଆ ବସ୍ତ୍ର ପିନ୍ଧି ନିଶା କାରବାର କରୁଥିବା ଅଭିଯୋଗ ହେଉଥିଲେ ମଧ୍ୟ ପୋଲିସ ଓ ଅବକାରୀ ବିଭାଗର କର୍ମଚାରୀମାନେ ଏହାକୁ ପ୍ରୋତ୍ସାହନ ପ୍ରଦାନ କରି ନିଜ



ପଟ୍ଟାମୁଣ୍ଡାଇ ଅବକାରୀ ଥାନା ବନ୍ଦ ହୋଇପଡ଼ିଛି।

ପକେଟ ଗରମ କରୁଥିବା ଅଭିଯୋଗ ହେଉଛି। ଜନ ସଚେତନତା ଉପରେ ମଧ୍ୟ ବିଭାଗ ଧ୍ୟାନ ଦେଉନାହିଁ। ବୁଦ୍ଧିଜୀବୀ ପ୍ରବୀର ନାୟକ କହିଛନ୍ତି, ପ୍ରତିବର୍ଷ ଅବକାରୀ ବିଭାଗ ପକ୍ଷରୁ ବିଭାଗୀୟ ଜିଲା ସୁପରିଣ୍ଟେଣ୍ଡେଣ୍ଟଙ୍କୁ କେତେ ମାମଲା ରୁଜୁ କରିବାକୁ ପଡ଼ିବ ଟାର୍ଗେଟ୍ ଦିଆଯାଉଛି। ଏହି ଅନୁଯାୟୀ ଯେଉଁମାନଙ୍କଠାରୁ ମାସିକିଆ ଚାନ୍ଦା ଆଦାୟ କରାଯାଉଛି ସେମାନଙ୍କ ନାମରେ କୋହଳ ମାମଲା ରୁଜୁ ହେବା ସହ ଟାର୍ଗେଟ ପୂରଣ ହେଉଛି। ହେଲେ ବିଭାଗୀୟ ଅଧିକାରୀମାନେ ଅଭିଯୁକ୍ତମାନଙ୍କ ବିରୋଧରେ କୋର୍ଟରେ କୋହଳ ଚାର୍ଜସିଟ୍ ଦାଖଲ କରିବାରୁ ସହଜରେ ଜାମିନ ମିଳିଯାଉଛି। ଜାମିନ ପାଇଲା ପରେ ପୁଣି ଅଭିଯୁକ୍ତମାନେ ସେମାନଙ୍କ ବ୍ୟବସାୟ ଚଳାଉଛନ୍ତି। ସାମଜିକ କର୍ମୀ ଜ୍ୟୋତି ପ୍ରକାଶ ପ୍ରଧାନ କହିଛନ୍ତି, ଅବକାରୀ ବିଭାଗ ଅସାଧୁ କର୍ମଚାରୀମାନେ ନିଶା ବ୍ୟବସାୟୀମାନଙ୍କଠାରୁ ସବିଧା, ସୁଯୋଗ ହାତେଇ ଅନେକ ସମୟରେ ମାମଲାକୁ ରଫାଦଫା କରି ଦେଉଛନ୍ତି। ଅନ୍ୟ ଏକ ପ୍ରସଙ୍ଗ ହେଲା ପୋଲିସ କୌଣସି ମାମଲା କଲେ ପ୍ରିଲିମିନାରୀ ଚାର୍ଜସିଟ୍ ଦିଏ। ଶେଷରେ ଫାଇନାଲ ଚାର୍ଜସିଟ୍ ଦେଇଥାଏ। ହେଲେ ଅବକାରୀ ବିଭାଗ ଥରକରେ ଫାଇନାଲ ଚାର୍ଜସିଟ୍ ଦେଇଥାଏ। ଯେହେତୁ ୬ ମାସ ଭିତରେ ଚାର୍ଜସିଟ୍ ଦେବାକୁ ପଡୁଛି, ତେଣୁ ଅବକାରୀ ବିଭାଗର ଅସାଧୁ କର୍ମଚାରୀମାନେ ଅଭିଯୁକ୍ତଙ୍କଠାରୁ ମୋଟା ଅଙ୍କର ଲାଞ୍ଚ ଦାବି କରିଥାନ୍ତି। ଯେଉଁମାନେ ଟଙ୍କା ଦେବାରେ ବିଳମ୍ବ

### ଅବକାରୀ ବିଭାଗ ନୀରବ

କରିଥାନ୍ତି, ସେମାନଙ୍କ ଚାର୍ଜସିଟ୍ ଦାଖଲରେ ମଧ୍ୟ ଜାଣିଶୁଣି ବିଳମ୍ବ କରାଯାଉଥିବା ଚର୍ଚ୍ଚା ହେଉଛି। ସେହିପରି ଯୁବନେତା ସତ୍ୟପ୍ରିୟ ସାମଲ କହିଛନ୍ତି, ବଜାରରେ ଅନେକ ସମୟରେ ନିଷିଦ୍ଧ ମାଦକ ଦ୍ରବ୍ୟ ବିକ୍ରି ହେଉଛି। ଏହା ସେବନ କଲେ ଜୀବନ ପ୍ରତି ବିପଦ ଥାଏ। ତେଣୁ ବିଭାଗ ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ନିର୍ଦ୍ଦେଶ ରହିଛି। ଏଥିରେ ଅବକାରୀ, ପୋଲିସ, ବନ କର୍ମଚାରୀ ସମେତ ଭେଷଜ ନିରୀକ୍ଷକ ରହିଛନ୍ତି। ସ୍ୱାଡ୍ ପକ୍ଷରୁ ସ୍ୱେଚ୍ଛାସେବୀ ସଙ୍ଗଠନ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ପଞ୍ଚାୟତିରାଜ ସଙ୍ଗଠନ ମାଧ୍ୟମରେ ଜନ ସଚେତନତା କାର୍ଯ୍ୟକ୍ରମ କରାଯିବା କଥା। ଏ ନେଇ ଅବକାରୀ ବିଭାଗକୁ ବାର୍ଷିକ ଅନୁଦାନ ଆସୁଛି। ଏ ସମ୍ପର୍କରେ ଅବକାରୀ ବିଭାଗ ଇନ୍ସପେକ୍ଟର କମଳ ପାଇକରାୟଙ୍କୁ ପଚାରିବାରେ ସଚେତନତା ସୃଷ୍ଟି ପାଇଁ ଯେଉଁ ଅର୍ଥ ଆସୁଛି, ସେଥିରେ ରଥ ପରିକ୍ରମା ସହ ୨ଟି କାର୍ଯ୍ୟକ୍ରମ ହେଉଛି। ବିଭିନ୍ନ ସମୟରେ ବିଭାଗ ପକ୍ଷରୁ ଚଢ଼ାଉ କରାଯିବା ସହ ବେଆଇନ ମାଦକ ଦ୍ରବ୍ୟ କାରବାର କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ସେ କହିଛନ୍ତି।

## ନୂଆଦିଲ୍ଲୀ ପରେଡ୍‌ରେ ଭାଗ ନେଇଥିବା ଏନ୍‌ସିସି ଛାତ୍ରୀ ସମ୍ବର୍ଦ୍ଧିତ

କେନ୍ଦ୍ରାପଡ଼ା, ୧୭।୮(ଜଗନ୍ନାଥ ଧଳ)



ନୂଆଦିଲ୍ଲୀଠାରେ ଆୟୋଜିତ ଜାତୀୟ ପରେଡରେ ଚଳିତବର୍ଷ ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସରେ ଓଡ଼ିଶାର ପ୍ରତିନିଧି ଭାବେ ପଟ୍ଟାମୁଣ୍ଡାଇ କଲେଜ ଏନ୍‌ସିସି ଛାତ୍ରୀ ଭାଗ୍ୟଶ୍ରୀ ଦାଶ ଭାଗ ନେଇଥିଲେ। ଏଥିପାଇଁ ପଟ୍ଟାମୁଣ୍ଡାଇ ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ସ୍ଥାନୀୟ ଏମ୍‌ଏନ୍ ହାଇସ୍କୁଲଠାରେ ଆୟୋଜିତ ୭୭ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ରାଜନଗର ବିଧାୟକ ଧ୍ରୁବ ସାହୁ ଭାଗ୍ୟଶ୍ରୀଙ୍କୁ ମାନପତ୍ର ଓ କପ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଜାତୀୟ ଦିବସ ପାଳନ କମିଟି ଅଧ୍ୟକ୍ଷ ତହସିଲଦାର ଦିଲୀପ ସେଠୀ, ପଟ୍ଟାମୁଣ୍ଡାଇ ପୌର ଅଧ୍ୟକ୍ଷ ହେମନ୍ତ ସାହୁ ଓ ପଟ୍ଟାମୁଣ୍ଡାଇ କଲେଜ ଏନ୍‌ସିସି ଅଫିସର କ୍ୟାପଟେନ ମନୋଜ ପରିଡ଼ା ଉପସ୍ଥିତ ଥିଲେ।

## ୧୦୮୫ ନୂଆ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ


ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ଅନ୍ୟମାନେ।

ମାର୍ଶାଘାଇ,୧୭।୮(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ମଣିକୁଣ୍ଡା ପଞ୍ଚାୟତର ଦରବଛା ଗ୍ରାମଠାରେ ଏକ ଭତ୍ତା ବଣ୍ଟନ ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମହାକାଳପଡ଼ା ବିଧାୟକ ତଥା ରାଜ୍ୟ ସମବାୟ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ୨୫ ନଂ. ଜିଲା ପରିଷଦ ଜୋନ ଅନ୍ତର୍ଗତ ମାର୍ଶାଘାଇ, ମଣିକୁଣ୍ଡା, ହିନ୍ଦୁଳିଆ, ଅଙ୍ଗୁଳାଇ, କୁହୁଡ଼ି, ଶିଳିପୁର, ଦୁମୁକା, ଦଶିପୁର ପଞ୍ଚାୟତର ୬୧୯ଜଣ ନୂଆ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଭତ୍ତା ବାଣ୍ଟିଥିଲେ। ଏହା ପୂର୍ବରୁ ମନ୍ତ୍ରୀ ନାୟକ ଦରବଛା ଗାଁରେ ଏକ ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ପରେ ମନ୍ତ୍ରୀ ମଙ୍ଗରାଜପୁର ପଞ୍ଚାୟତର ମଧୁସୂଦନପୁର ଗ୍ରାମ କାଳୀ ପଡିଆଠାରେ ୪୬୬ ଜଣ ନୂଆ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଏ ସମସ୍ତ କାର୍ଯ୍ୟକ୍ରମରେ ମାର୍ଶାଘାଇ ବିଡିଓ ଉମାଶଙ୍କର ବେହେରା, ବ୍ଲକ ବିଜେଡି ସଭାପତି ସଞ୍ଜୟ କୁମାର ଲେଙ୍କା, କେନ୍ଦ୍ରାପଡ଼ା ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଜିଲା ବିଜେଡି ଉପସଭାପତି ଗଙ୍ଗାଧର ପରିଡ଼ା, ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ, ଜିଲା ପରିଷଦ ସଭ୍ୟା ଦୁର୍ଗାବତୀ ପ୍ରଧାନ, ପ୍ରତାପ କୁମାର ମଲ୍ଲିକ, ବ୍ଲକ ଆତ୍ମା ଅଧ୍ୟକ୍ଷ ପ୍ରଦୀପ୍ତ ଗାହଣ, ସରପଞ୍ଚ କାମିନୀ ରାଉତ, ସୁଜାତା ମଲ୍ଲିକ, ବ୍ଲକ ଉପାଧ୍ୟକ୍ଷା ଉର୍ମିଳା ମହାନ୍ତି, ସର୍ବେଶ୍ୱର ଦାସ, ସୂର୍ଯ୍ୟକାନ୍ତ ନାଥଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟମାନେ ଉପସ୍ଥିତ ଥିଲେ। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ନିର୍ବାହୀ ଯନ୍ତ୍ରୀ ବସନ୍ତ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ବସନ୍ତ ସେଠୀ, କନିଷ୍ଠ ଯନ୍ତ୍ରୀ ରାଜେନ୍ଦ୍ର ସିଂ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୌମ୍ୟ ରଞ୍ଜନ ମଲ୍ଲିକ ଉପସ୍ଥିତ ଥିଲେ।

## ମଦ ମୁକ୍ତ ଓଡ଼ିଶା ଗଠନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଆଳି,୧୭।୮(ବନମାଳୀ ସେନାପତି)

ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନର ଆହ୍ୱାନକ୍ରମେ ଆଳି ବ୍ଲକ ସଙ୍ଗଠନ ଶାଖାର ସଭାପତି ଲକ୍ଷ୍ମୀଧର ଦୀକ୍ଷିତଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଗୁରୁବାର ଆଳିର ଆରାଧ୍ୟ ଦେବତା ଶ୍ରୀ ଶ୍ରୀଲକ୍ଷ୍ମୀବରାହ ଜୀଉ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଶା ସେବନ ଦ୍ୱାରା ସମାଜରେ ଘଟୁଥିବା ବିଭିନ୍ନ ପ୍ରକାର କ୍ଷତି ବିଷୟରେ ଆଲୋଚନା ହୋଇଥିଲା। ସରକାର ମଦରୁ ଅଧିକ ଆୟ ହେଉଥିବାରୁ ଅଧିକ ମଦ ଦୋକାନ ଖୋଲିବା ଓ ମଦ ବିକ୍ରି ଉପରେ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ସରକାର ମଦ୍ୟ ସେବନ ଦ୍ୱାରା ପ୍ରତ୍ୟେକ ବର୍ଷ କେତେ ଜୀବନହାନି ଘଟୁଛି ଆଉ କେତେ ପରିବାର ବେଘର ହେଉଛନ୍ତି ସେଥିପ୍ରତି ଚିନ୍ତା କରୁନାହାନ୍ତି। ମୁଖ୍ୟମନ୍ତ୍ରୀ ଓଡ଼ିଶାର ଦାୟିତ୍ୱ ନେବା ବର୍ଷ ମଦ ବିକ୍ରିରୁ ଆୟ ହୋଇଥିଲା ୧୨୦ କୋଟି ଟଙ୍କା କିନ୍ତୁ ଚଳିତବର୍ଷ ମଦ ବିକ୍ରିରୁ ୧୨ହଜାର କୋଟି ଟଙ୍କା ଆୟ ହୋଇଛି। ସରକାର ଲାଭ କରୁଥିବା ବେଳେ


ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଙ୍ଗଂନର କର୍ମକର୍ତ୍ତାମାନେ ଦାବିପତ୍ର ଦେଉଛନ୍ତି।

ଏକ ଜନମଙ୍ଗଳ ରାଷ୍ଟ୍ରରେ ଏହା ଦ୍ୱାରା ଜନସାଧାରଣ ବିଶେଷ କରି ମହିଳାମାନେ ଘରେ, ବାହାରେ ଅକଥନୀୟ ଅତ୍ୟାଚାର ଓ ଶୋଷଣର ଶିକାର ହେଉଛନ୍ତି। ସରକାରଙ୍କର ମହିଳା ସଶକ୍ତିକରଣ ଓ ଅନ୍ୟ ଜନମଙ୍ଗଳ କାର୍ଯ୍ୟ ମଦ ପ୍ରସାରଣ ଯୋଗୁ ବିଫଳ ହେଉଛି। ଦେଶ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଥିବାବେଳେ ଆମ ଜୀବନ ବିଷ ମୟ ହୋଇଛି। ତେଣୁ ୧୯୮୫ ରୁ ପଡ଼ି ରହିଥିବା ଓଡ଼ିଶା ନିଶା ନିବାରଣ ଆଇନକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି ଉଠିଥିଲା। ବୈଠକ ପରେ ମଦ ପ୍ରସାର ନୀତିକୁ ବିରୋଧ କରି ଏକ ସଚେତନତା ଶୋଭାଯାତ୍ରାରେ ସଦସ୍ୟମାନେ ଆଳି ବିଡିଓଙ୍କ ମାଧ୍ୟମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉର୍ଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଗଲଯାଇଥିଲା। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବୀରେନ୍ଦ୍ର କୁମାର ପଣ୍ଡା, ମାୟାଧର ରାଉତ, ବିଦ୍ୟାଧର ପଣ୍ଡା, ମଧୁସୂଦନ ଦାସ, ସୁହାନା ବେଗମ, ନରହରି ପାତ୍ର, ରିହାନା ବେଗମ, ଲଜମା ବିବି, ବାବନ ଯେନା, ମୋହନ ଜେନା, ଗୋବିନ୍ଦ ଚନ୍ଦ୍ର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ବଜ୍ରପାତରେ ମୃତ ପରିବାରକୁ ରେଡ୍‌କ୍ରସ୍‌ରୁ ସହାୟତା

**ରାଜନଗର, ୧୭।୮ (ଭାସ୍କର ରାଉତରାୟ) :** ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତ କୃଷ୍ଣପ୍ରିୟାପୁର ଗାଁର ହରିପଦ ସରକାର ବୁଧବାର ବିଲରେ ଧାନ ରୋଉଥିବା ବଜ୍ରପାତରେ ଟଳି ପଡ଼ିଥିଲେ। ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ଅସହାୟ ପରିବାରକୁ ସହାୟତା ଯୋଗାଇ ଦେବାକୁ ରାଜନଗର ବିଧାୟକ ଧ୍ରୁବ ସାହୁ କେନ୍ଦ୍ରାପଡ଼ା ଜିଲାପାଳଙ୍କ ସହ କଥା ହୋଇଥିଲେ। ଜିଲାପାଳ ଅମୃତ ଋତୁରାଜଙ୍କ ନିର୍ଦ୍ଦେଶକ୍ରମେ ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତ ହରିପଦଙ୍କ ସ୍ତ୍ରୀ ଦେବକୀଙ୍କୁ ଜିଲା ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ଏହି ସମୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ରାଜନଗର ସରପଞ୍ଚ ସୁଶ୍ରୀ ସଂଗୀତା ମିଶ୍ର, ସାନବଡ଼ଗୋପାଳପୁର ସରପଞ୍ଚ ଗୋଲେଖ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ରାପଡା ଜିଲାପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ୩୦ନଂ. ଜୋନ ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ ମୃତକ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ସେହିପରି ରାଜନଗର ବ୍ଲକ ଅନ୍ତର୍ଗତ ଓସ୍ତିଆ ପଞ୍ଚାୟତ ଗୋପପାଟଣା ଗାଁର କେଶବ ଦାସଙ୍କ ଗୁରୁବାର ସକାଳେ ମୃତ୍ୟୁ ଘଟିଥିଲା। ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ରାଜନଗର ତହସିଲଦାର ବିପନ୍ନ ପରିବାରକୁ ୨୦ହଜାର ଟଙ୍କା ପ୍ରଦାନ କରିଛନ୍ତି। ଏହି ସମୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା, ସ୍ଥାନୀୟ ସରପଞ୍ଚ ଉପସ୍ଥିତ ଥିଲେ।

## ସ୍ନାୟୁ ରୋଗୀଙ୍କ ଚିକିତ୍ସା ପାଇଁ କେସିସିଏଲ୍ ପକ୍ଷରୁ ସହାୟତା


କେସିସିଏଲ ସଭାପତି ପ୍ରମୋଦ କୁମାର ସାହୁ ସହାୟତା ପ୍ରଦାନ କରୁଛନ୍ତି।

ଡେରାବିଶ,୧୭।୮ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଖରିଦାସାହି ଗାଁର ଶଯ୍ୟାଶାୟୀ ସ୍ନାୟୁ ରୋଗରେ ପୀଡ଼ିତ ସଞ୍ଜୟ ଜେନାଙ୍କୁ କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟି(କେସିସିଏଲ)ର ମୁଖ୍ୟ ଶାଖା ପକ୍ଷରୁ ଗୁରୁବାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ପୀଡ଼ିତ ଜେନା ଜନ୍ମରୁ ଭିନ୍ନକ୍ଷମ ଥିବାବେଳେ ୧୨ ବର୍ଷ ହେଲା ସମ୍ପୂର୍ଣ୍ଣ ଶଯ୍ୟାଶାୟୀ ହୋଇପଡ଼ିଛନ୍ତି। ତାଙ୍କର ହାତ ଓ ଗୋଡ଼ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଥିବା ବେଳେ ସେ ହଲଚଲ ହୋଇ ନ ପାରି ସଦାସର୍ବଦା ବିଛଣାରେ ପଡ଼ି ରହିଛନ୍ତି। କିଛିବର୍ଷ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ହେବା ପରେ ଅର୍ଥ ଅଭାବରୁ ଚିକିତ୍ସା ବନ୍ଦ ହୋଇଯାଇଛି। ଏହି ଖବର ଗଣମାଧ୍ୟମରୁ ଜାଣି କେନ୍ଦ୍ରାପଡ଼ା କେସିସିଏଲ୍‌ର ସଭାପତି ପ୍ରମୋଦ କୁମାର ସାହୁ ପୀଡ଼ିତ ଜେନାଙ୍କ ଘରେ ପହଞ୍ଚି ଚିକିତ୍ସା ପାଇଁ ୧୦ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ଏଥିସହ ଚଳିବା ପାଇଁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଧର୍ମପତ୍ନୀ ଜ୍ଞାନଦେବୀଙ୍କ ନାମରେ ନାମିତ ଜ୍ଞାନଦେବୀ ଗୁଜୁରାଣ ସହାୟତା ପାଣ୍ଠିରୁ ପ୍ରତି ମାସରେ ଏକ ହଜାର ଟଙ୍କା ଲେଖା ସହାୟତା ପ୍ରଦାନ କରାଯିବ। ଆବଶ୍ୟକ ପଡ଼ିଲେ ଚିକିତ୍ସା ପାଇଁ ଅଧିକ ସହାୟତା ପ୍ରଦାନ କରାଯିବ ବୋଲି ମଧ୍ୟ ସାହୁ କହିଥିଲେ। ଏବେ ସୁଦ୍ଧା ଏହି ପରିବାର ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ନ ଥିବାରୁ ତୁରନ୍ତ ବିଜୁ ପକ୍କାଘର କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସ ଗୃହ ଯୋଗାଇ ଦେବାକୁ ସରକାରଙ୍କୁ ସାହୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାହୁଙ୍କ ସହ ମୁଖ୍ୟ ଶାଖା ବରିଷ୍ଠ ପରିଚାଳକ ରମେଶ ଚନ୍ଦ୍ର ସେଠୀ, ଦୈନିକ ଜମା ସଂଗ୍ରହକାରୀ ଅମିତ ଦାସ, ସ୍ଥାନୀୟ ସରପଞ୍ଚ ସୁରେନ୍ଦ୍ର ମଲିକ ଓ ୱାର୍ଡ ସଭ୍ୟ ଦୀପକ ସାହା ପ୍ରମୁଖ ଉପସ୍ଥିତ ରହିଥିଲେ।

## ଶିକ୍ଷକଙ୍କ ଶିକ୍ଷାଦାନ, ପିଲାଙ୍କ ଚାରିତ୍ରିକ ଗଠନକୁ ଗୁରୁତ୍ୱ

ରାଜକନିକା, ୧୭।୮(ସଞ୍ଜୟ କୁମାର ଦାଶ)

### ଓଳାଭର କଲେଜର ୪୯ତମ ପ୍ରତିଷ୍ଠା ଦିବସ

ରାଜକନିକାର ଓଳାଭର ମହାବିଦ୍ୟାଳୟ ୧୯୭୪ରୁ ଅଞ୍ଚଳବାସୀ ଉଦ୍ୟମରେ ଗଢ଼ି ଉଠିଥିବା ବେଳେ ୪୯ ବର୍ଷରେ ପହଞ୍ଚିଛି। ଏଠାରେ ପଢୁଥିବା ଓ ପଢ଼ା ଶେଷ କରିଥିବା ବିଦ୍ୱାନମାନେ ଇତିହାସକୁ ମନେ ପକାଇବା ଦରକାର। ମଙ୍ଗଳବାର ମହାବିଦ୍ୟାଳୟର ୪୯ତମ ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ନନ୍ଦକିଶୋର ପରିଡ଼ା ଯୋଗଦେଇ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶାର ଜଣାଶୁଣା ପ୍ରବଚକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ନଇଁଲେ ପାଇବାର ଉପାଦେୟ ଉଦାହରଣ ରଖି ଉପସ୍ଥିତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଶିକ୍ଷକ ଶିକ୍ଷାଦାନ ଓ ପିଲାମାନଙ୍କ ଚାରିତ୍ରିକ ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନୁଷ୍ଠିତ ଉତ୍ସବରେ ଅଧ୍ୟକ୍ଷ ହଳଧର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ କଲେଜର ପୂର୍ବତନ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମିଶ୍ର ଓ ଶେଖର ଚନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇ ଅତୀତର ପରମ୍ପରା ଉପରେ ଆଲୋକପାତ କରିଥିଲେ। ସମ୍ବର୍ଦ୍ଧିତ ପ୍ରତିଭା ଭାବେ ରବି ନାରାୟଣ ମହାପାତ୍ର, ରବୀନ୍ଦ୍ର କୁମାର ପଣ୍ଡା ଓ ଚକ୍ରଧର ନାଥ ପ୍ରମୁଖ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ପ୍ରରିପ୍ରେକ୍ଷୀରେ କୃତୀ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅଜୟ କୁମାର ନାଥ, ବାସୁଦେବ ରଣା, ଅର୍ପିତା ସେଠୀ, ଅଙ୍କିତା ନାଥ, ସତ୍ୟଜିତ୍ ମହଲା ଓ ବିଶାଳ ବାରିକ ପ୍ରମୁଖ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଅଧାପକ ମୂରଲୀଧର କର ସ୍ୱାଗତ ଭାଷଣ ଦେଇଥିବା ବେଳେ, ରବୀନ୍ଦ୍ର କୁମାର ସେନାପତି ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଅଧାପିକାଅଧାପକ ଓ କର୍ମକର୍ତ୍ତାମାନେ ପରିଚାଳନାରେ ସହଯୋଗ କରିଥିଲେ।

# ସଭ୍ୟ ସଂଗ୍ରହ ଉପରେ ଗୁରୁତ୍ୱ


ଟେଣ୍ଟ ହାଉସ୍, ଲାଇଟ ଡେକୋରେଟରର ମାଲିକ ସଂଘର କର୍ମକର୍ତ୍ତାମାନେ।

ଜଗତ୍‌ସିଂହପୁର, ୧୭।୮(ପ୍ରମୋଦ କୁମାର ନାୟକ)

### ଜିଲା ଟେଣ୍ଟ ହାଉସ, ଲାଇଟ୍ ଡେକୋରେଟର ମାଲିକ ସଂଘ

ଜଗତ୍‌ସିଂହପୁର ଜିଲା ଟେଣ୍ଟ ହାଉସ, ଲାଇଟ୍ ଓ ଡେକୋରେଟରର ମାଲିକ ସଂଘ ପକ୍ଷରୁ ସଭ୍ୟ ସଂଗ୍ରହ ଉପରେ ଗୁରୁତ୍ୱାରୋପ କରାଯାଇଛି। ସଂଘ ବାଲିକୁଦା ବ୍ଲକ ଓଷକଣା ଜୋନ ଅନ୍ତର୍ଗତ ବନ୍ଦରଠାରେ ଅନୁଷ୍ଠିତ ବନ୍ଧୁମିଳନ ଉତ୍ସବରେ ଏହା ଉପରେ ଆଲୋଚନା ହୋଇଥିଲା। ସଂଘ ସଭାପତି ମଧୁସୂଦନ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଘ ରାଜ୍ୟ ସଭାପତି ଦେବେନ୍ଦ୍ର ନାଥ ପଣ୍ଡା, ଅଟଳ ବିହାରୀ ଜେନା, ସମ୍ପାଦକ ପ୍ରଦୀପ କୁମାର ଭଞ୍ଜ, ପ୍ରବୋଧ କୁମାର ଦାସ, ଜଗନମୋହନ ଜେନା, ଗୁରୁଚରଣ ଦାସ, ରବୀନ୍ଦ୍ର ନାଥ ଦାସ, କିଶୋର ଚନ୍ଦ୍ର ଦେହୁରୀ ଓ ଜୟନାରାୟଣ ସିଂହ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘ ଜିଲା ସମ୍ପାଦକ ଶରତ ଚନ୍ଦ୍ର ସାମଲ, ପ୍ରତାପ କୁମାର ସ୍ୱାମୀ, ସନ୍ଦିପ୍ତ ମହାନ୍ତି, ଅଲେଖ ବିଶୋଇ, ଗଣେଶ ପାଲ, ନାରାୟଣ ନାୟକ, କୁନୁ ମିଶ୍ର, ମାୟାଧର ପରିଡ଼ା, ବୃନ୍ଦାବନ ମହାନ୍ତି, ମିର୍ଜାରାଜାବାଲି ବେଗ୍, ଚିତ୍ତରଞ୍ଜନ ଷଡ଼ଙ୍ଗୀ, ଦିଲୀପ ମହାନ୍ତି ଓ ସୁକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନୂତନ ଉପଦେଷ୍ଟା ଭାବେ ଯୋଗଦେଇଥିବା ଶିକ୍ଷାବିତ୍ ସୁଭାସ ଚନ୍ଦ୍ର ରାଉତ, ଜିଲା ଓକିଲ ସଂଘ ସଭାପତି ଦେବେନ୍ଦ୍ରନାଥ ସ୍ୱାଇଁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ କୁମାର ନାୟକ, ପରିଦର୍ଶକ ମିଡିଆ ସମ୍ପାଦକ ବାବା ଲଲାଟେନ୍ଦୁ କେଶରୀ ଏବଂ ଅନ୍ୟ ନୂଆ ସଭ୍ୟ (ମାଲିକମାନେ)ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅତିଥିମାନଙ୍କ ଦ୍ୱାରା ଚାରା ରୋପଣ କରାଯାଇଥିଲା।

# ଦେଶ ବଞ୍ଚାଅ, ସମ୍ବିଧାନ ବଞ୍ଚାଅ

ରଘୁନାଥପୁର,୧୭।୮ (ରାଜେନ୍ଦ୍ର ନାରାୟଣ ସିଂହ)

### ଶ୍ରମିକ କୃଷକଙ୍କ ପକ୍ଷରୁ ବିନିଦ୍ର ରଜନୀ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ହରିଶପୁରଠାରେ ସମ୍ପ୍ରତି ସିଆଇଟିୟୁ ଆହ୍ୱାନକ୍ରମେ ଶ୍ରମିକ, କୃଷକ ଓ କ୍ଷେତମଜଦୁରମାନଙ୍କ ପକ୍ଷରୁ ଦେଶ ବଞ୍ଚାଅ, ସମ୍ବିଧାନ ବଞ୍ଚାଅ ନେଇ ବିନିଦ୍ର ରଜନୀ କାର୍ଯ୍ୟକ୍ରମ ପାଳନ କରାଯାଇଛି। ଆୟୋଜିତ ସଭାରେ ତାରପୁର ଆଞ୍ଚଳିକ କମିଟିର ସଭାପତି ଧନେଶ୍ୱର ରାଉତ ପୌରୋହିତ୍ୟ କରିଥିଲେ। ଏଥିରେ ସିଆଇଟିୟୁ ରାଜ୍ୟ ଉପସଭାପତି ଲୋଭାକାନ୍ତ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାଧୀନତା ପରଠାରୁ ଦୁର୍ଦ୍ଦିନ ଭାରତବର୍ଷର ଇତିହାସ ସମ୍ପର୍କରେ ଟିପ୍ପଣୀ ରଖିଥିଲେ। ଲୁହଲହୁ ଢାଳି ଜୀବନକୁ ତ୍ୟାଗ କରି ଯେଉଁମାନେ ଭାରତୀୟଙ୍କୁ ସ୍ୱାଧୀନତା ଆଣି ଦେଇଥିଲେ ସେମାନଙ୍କୁ ହେୟ କରାଯାଉଛି। ସ୍ୱାଧୀନତା ଆନ୍ଦୋଳନରେ ଭାଗ ନେଇ ନ ଥିବା ବ୍ୟକ୍ତି ତଥା ସଙ୍ଗଠନମାନଙ୍କୁ ଦେଶପ୍ରେମୀ ଭାବେ ଚିତ୍ରଣ କରାଯାଉଛି। ଏଭଳି ୧ ପ୍ରତିଶତ ବ୍ୟକ୍ତିଙ୍କ ହାତରେ ଦେଶର ୭୭ ପ୍ରତିଶତଙ୍କ ସମ୍ପତ୍ତି ରହିଛି। ଶ୍ରମିକ, କୃଷକ ଓ କ୍ଷେତ ମଜଦୁରମାନେ ପ୍ରତି ମୁହୂର୍ତ୍ତରେ ଶୋଷଣର ଶିକାର ହେଉଛନ୍ତି। ଦେଶରେ ପୁଞ୍ଜିପତି ମାଲିକଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଦେଶର ସଂଘୀୟ ବ୍ୟବସ୍ଥାକୁ ଦୁର୍ବଳ କରାଯାଉଛି। ସାମାଜିକ ନ୍ୟାୟ ବ୍ୟବସ୍ଥା ଲୋପ ହେବା ପରିସ୍ଥିତିରେ ପହଞ୍ଚିଛି। ଦେଶର ଆତ୍ମନିର୍ଭରଶୀଳ ଅର୍ଥନୀତି ପରିବର୍ତ୍ତେ ସଂଘୀୟ ବ୍ୟବସ୍ଥାକୁ ଅଣଦେଖା କରି ବିଦେଶୀ ଓ ଦେଶୀୟ ବୃହତ ପୁଞ୍ଜିପତିଙ୍କ ହାତରେ ସମଗ୍ର ଅର୍ଥନୀତିକୁ ଟେକି ଦିଆଯାଉଛି। ଏପରି କରି ଆମ ସମ୍ବିଧାନକୁ ଧ୍ୱଂସ କରିବାକୁ ଚକ୍ରାନ୍ତ ଚାଲିଛି ବୋଲି ରାଜ୍ୟ ଉପସଭାପତି ସ୍ୱାଇଁ ବକ୍ତବ୍ୟ ରଖିଥିଲେ। ଆମ ଦେଶକୁ ରକ୍ଷା କରିବାକୁ ହେଲେ ସମସ୍ତେ ଏକଜୁଟ ହୋଇ ଦେଶ ବିକାଶର ଶତ୍ରୁମାନଙ୍କୁ ରାଜନୈତିକ ଭାବେ ପରାସ୍ତ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ କ୍ଷେତମଜଦୁର ୟୁନିୟନ ସଭ୍ୟ ଯୁଧିଷ୍ଠିର ଦାସ, ଓଡ଼ିଶା କୃଷକ ସଭାର ଜିଲା ଆବାହକ ଗଣେଶ ଚନ୍ଦ୍ର ମାଣିଆ, ରାଜ୍ୟ କମିଟି ସଭ୍ୟ ଶରତ ବେହେରା, ଜିଲା ସହସମ୍ପାଦକ ଚିତ୍ତରଞ୍ଜନ ମଲ୍ଲିକ, ଜିଲା କମିଟି ସଭ୍ୟ ରମେଶ କୁମାର ବେହେରା, ପ୍ରଫୁଲ୍ଲ ନାୟକ, ଦୟାନିଧି ଓଝା ଓ ମଧୁସ୍ମିତା ବାରିକ ନିଜର ବକ୍ତବ୍ୟରେ ପୁଞ୍ଜିପତି ଶାସନର ବିଲୋପ ପାଇଁ ଶୋଷିତ ହେଉଥିବା ଶ୍ରମିକ, କୃଷକ ଓ କ୍ଷେତମଦୁରମାନେ ଏକତ୍ରିତ ହୋଇ ଆଗାମୀ ଦିନରେ ଜବାବ ଦେବା ପାଇଁ ପରାମର୍ଶ ରଖିଥିଲେ। ସମସ୍ତ ଶ୍ରମିକ ଓ କୃଷକମାନେ ମଧ୍ୟରାତ୍ର ପର୍ଯ୍ୟନ୍ତ ଏକତ୍ରିତ ହୋଇ କାର୍ଯ୍ୟକ୍ରମ ପାଳନ କରିଥିଲେ। ଜିଲା କମିଟି ସଭ୍ୟ ଯୁଗଳ ବାରିକ ଅତିଥି ପରିଚୟ, ଆଞ୍ଚଳିକ କମିଟିର ସମ୍ପାଦକ ସଞ୍ଜୟ ପରିଡା କାର୍ଯ୍ୟକ୍ରମ ପରିଚାଳନା ଏବଂ ସଭ୍ୟ ନଟବର ଦାସ ଧନ୍ୟବାଦ ଦେଇଥିଲେ। ପରେ ଦେଶ ମାତୃକାକୁ ସମ୍ମାନ ଜଣାଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ସଂକ୍ଷେପରେ

## ଇଣ୍ଡୋର ଷ୍ଟାଡିୟମ ଉଦ୍‌ଘାଟନକୁ ନେଇ ଅନିଶ୍ଚିତତା

ଖଣ୍ଡପଡ଼ା,୧୭।୮ (ଅଜୟ କୁମାର ମହାରଣା)

ପୂର୍ତ୍ତ ବିଭାଗ ପକ୍ଷରୁ ୬.୧୮ କୋଟି ଟଙ୍କା ବ୍ୟୟରେ ଖଣ୍ଡପଡ଼ା ବାଇପାସ ରାସ୍ତା ପାର୍ଶ୍ୱରେ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ଇତିମଧ୍ୟରେ ଶେଷ ହୋଇଛି । ହେଲେ ଉଦ୍‌ଘାଟନ ହେଉନି । ଷ୍ଟାଡିୟମର ମୁଖ୍ୟ ଫାଟକରେ ତାଲା ଝୁଲୁଛି । ମାତ୍ର ଏହି ଷ୍ଟାଡିୟମଟି କେବେ କାର୍ଯ୍ୟକ୍ଷମ ହେବ ଏ ନେଇ ଅନିଶ୍ଚିତତା ଦେଖା ଦେଇଛି । ତୁରନ୍ତ ଇଣ୍ଡୋର ଷ୍ଟାଡିୟମକୁ କାର୍ଯ୍ୟକ୍ଷମ କରିବା ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ଖଣ୍ଡପଡ଼ାବାସୀ ଦାବି କରିଛନ୍ତି ।

## ସେବା ସମିତି ପକ୍ଷରୁ ସହାୟତା

ଦଶପଲ୍ଲା,୧୭।୮(ପ୍ରକାଶ କୁମାର ପାଣି)

ଦଶପଲ୍ଲାରେ ନୂତନ ଭାବେ ଗଢ଼ି ଉଠିଥିବା ପବନ ପୁତ୍ର ସେବା ସମିତି ତରଫରୁ ବିଭିନ୍ନ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି , ମେଡିକାଲରେ ରୋଗୀ ଓ ମହୁଲିଆଠାରେ ଥିବା ବୃଦ୍ଧାଶ୍ରମରେ ଫଳ ବଣ୍ଟନ କରାଯାଇଥିଲା । ଦଶପଲ୍ଲା ଏନଏସି ଅନ୍ତର୍ଗତ ୯ନଂ. ୱାର୍ଡର ଅରୁଣ ଦାସ ଦୀର୍ଘ ଦିନ ଧରି କର୍କଟ ରୋଗରେ ପୀଡ଼ିତ ଅଛନ୍ତି । ତାଙ୍କୁ ଚାଉଳ,ଡାଲି,ଅଟା, ତେଲ, ବଡ଼ି, ପରିବା ସହ ୨୦୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି । ତାଙ୍କର ଏକମାତ୍ର ଝିଅର ପାଠ ପଢାର ସମସ୍ତ ଖର୍ଚ୍ଚ ବହନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସଞ୍ଜୟ କୁମାର ଉତ୍ତରକବାଟ, ମାନସ କୁମାର ଖଟେଇ ଓ ନିହାର ପଣ୍ଡା ପ୍ରମୁଖ ପ୍ରତିଶ୍ରୁତି ଦେଇଛନ୍ତି ।

## ହୋର୍ଡିଂ ଯୋଗୁ ରାସ୍ତା ଅନ୍ଧାର

ଖଣ୍ଡପଡ଼ା,୧୭।୮ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ ସମ୍ମୁଖସ୍ଥ ବିଦ୍ୟୁତ ଖୁଣ୍ଟରେ ଲାଗିଥିବା ଏଲଇଡି ବଲ୍‌ବ ସମ୍ମୁଖରେ ଏକ ବିରାଟ ହୋର୍ଡିଂ ଲଗାଯାଇଛି । ଏଲଇଡି ବଲବ୍‌ଟି ରାତି ସାରା ଜଳୁଥିଲେ ହେଁ ଆଗରେ ଥିବା ହୋର୍ଡିଂ ଯୋଗୁ ମହିଳା ମହାବିଦ୍ୟାଳୟ ସମ୍ମୁଖ ରାସ୍ତା ଅନ୍ଧାରରେ ରହୁଛି । ଉକ୍ତ ରାସ୍ତା ଦେଇ ଯାତାୟତ କରୁଥିବା ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଖଣ୍ଡପଡା ଏନଏସି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ବିଦ୍ୟୁତ ଖୁଣ୍ଟ ସାମନାରେ ଥିବା ହୋର୍ଡିଂକୁ ହଟାଇବାକୁ ସାଧାରଣରେ ଦାବି ହେଉଛି ।

## ଛାତ୍ରଙ୍କୁ ସ୍ମୃତି ସମ୍ମାନ ପ୍ରଦାନ

ଖଣ୍ଡପଡ଼ା,୧୭।୮ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ନୀଳମାଧବ ନୋଡ଼ାଲ ବିଦ୍ୟାପୀଠର ପ୍ରାକ୍ତନ ହିନ୍ଦି ଶିକ୍ଷକ ଭରତ ମହାନ୍ତିଙ୍କ ସ୍ମୃତିରେ ଜଣେ ଛାତ୍ରଙ୍କୁ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି । ସ୍ଥାନୀୟ ହରିସୁବୁଦ୍ଧି ପାଟଣା ଗ୍ରାମର ଜ୍ୟୋତି ରଞ୍ଜନ ସାହୁ ଏହି ସମ୍ମାନ ପାଇଛନ୍ତି । ଏହି ଅବସରରେ ତାଙ୍କୁ ସ୍ମୃତି ଫଳକ ସହ ନଗଦ ୫ ହଜାର ଟଙ୍କା ପ୍ରଦାନ କରାଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱର୍ଗତ ଶିକ୍ଷକ ମହାନ୍ତିଙ୍କ ପରିବାର ପକ୍ଷରୁ ରେଣୁବାଳା ମହାନ୍ତି, ଅଭିମନ୍ୟୁ ସ୍ୱାଇଁ, ବିଜୟ କୁମାର ମହାନ୍ତି, ଜୟକୃଷ୍ଣ ମହାନ୍ତି, ଯଦୁନାଥ ମହାନ୍ତି, ବିନାୟକ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ମନୋଜ କୁମାର ନାୟକ ପରିଚାଳନା କରିଥିଲେ ।

# ଘୁମୁସର ଜିଲା ଘୋଷଣା ଦାବି ଜୋର ଧରିଲା

ଭଞ୍ଜନଗର,୧୭।୮(ବାବୁଲା ପ୍ରଧାନ)

■ ବୋର୍ଡ ମାରିଲା ଘୁମୁସର ବାହିନୀ
■ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ: ପିସିସି ସମ୍ପାଦକ

ଘୁମୁସର ଜିଲା ଘୋଷଣା ଦାବି ଆନ୍ଦୋଳନକୁ ଘୁମୁସର ବାହିନୀ ତୀବ୍ରତର କରିଛି । ଗୁରୁବାର ଘୁମୁସର ବାହିନୀ ପକ୍ଷରୁ ଗଞ୍ଜାମ କନ୍ଧମାଳ ଜିଲା ସୀମା ଦୁର୍ଗାପ୍ରସାଦ ଠାରେ ଘୁମୁସର ଜିଲା ଲେଖାଥିବା ଏକ ବୋର୍ଡ଼ ମରାଯାଇଛି । ଏଥିସହ କନ୍ଧମାଳ ଆଡୁ ଆସୁଥିବା ଯାତ୍ରୀଙ୍କୁ ସ୍ୱାଗତଂ ଏବଂ ଗଞ୍ଜାମରୁ କନ୍ଧମାଳ ଅଭିମୁଖେ ଯାଉଥିବା ଯାତ୍ରୀଙ୍କୁ ଶୁଭେଚ୍ଛା ସହ ବିଦାୟ ଲେଖାଯାଇଛି । ତଳେ ଘୁମୁସର ଜିଲା ଆମର ଦାବି ମଧ୍ୟ ଲେଖାଯାଇଛି । ବୋର୍ଡ଼ ମରାଯିବା ସମୟରେ ଘୁମୁସର ବାହିନୀର କର୍ମକର୍ତ୍ତା ନଚିକେତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଏହାପୂର୍ବରୁ ଗତ ସ୍ୱାଧୀନତା ଦିବସ ଦିନ ଘୁମୁସର ଜିଲା ଦାବି ନେଇ ଭଞ୍ଜନଗରରେ ଦସ୍ତଖତ ଅଭିଯାନ ହୋଇଥିଲା । ଜିଲା ଘୋଷଣା ଦାବି ନେଇ ଘୁମୁସର ବାହିନୀ ପକ୍ଷରୁ ଏହିଭଳି ଅନେକ ପଦକ୍ଷେପ ନିଆଯାଇଛି ।



ଘୁମୁସର ଜିଲା ଦାବି ନେଇ ସୀମାରେ ବୋର୍ଡ଼ ମରାଗଲା ।

ସୂଚନାଯୋଗ୍ୟ ଯେ, ଦେଶ ସ୍ୱାଧୀନତା ପୂର୍ବରୁ ଘୁମୁସର ଅଞ୍ଚଳରେ ଭଞ୍ଜନଗର ଉପଖଣ୍ଡର ଅଧିକାଂଶ ଅଞ୍ଚଳ ସମେତ କନ୍ଧମାଳ ଜିଲାର କେତକ ଅଞ୍ଚଳ ଥିଲା । ପରେ ଭଞ୍ଜନଗର ରାଜସ୍ୱ ଉପଖଣ୍ଡ ଘୁମୁସର ଅଞ୍ଚଳ ଭାବେ ପରିଚିତ ହେଲା । ଶିଳ୍ପ ବିହୀନ ଏହି ଅଞ୍ଚଳର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବାରମ୍ବାର ଅବହେଳା କରି ଆସୁଛନ୍ତି । ଅଞ୍ଚଳବାସୀଙ୍କ ଦାବି ତୀବ୍ରତର ହୋଇପାରୁନାହିଁ । ଲୋକ ପ୍ରତିନିଧିମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ଉପଯୁକ୍ତ ଚାପ ପକାଇ ପାରୁନାହାନ୍ତି । ତେଣୁ ଏହି ଅଞ୍ଚଳରେ ରେଳ ସେବା ଆଜି ମଧ୍ୟ ସ୍ୱପ୍ନ ହୋଇ ରହିଯାଇଛି । ଇତିମଧ୍ୟରେ ଯେଉଁ ଅଞ୍ଚଳ ଦେଇ ରେଳ ଲାଇନ ଯିବ ସମ୍ପୃକ୍ତ ଅଞ୍ଚଳରେ ଖୁଣ୍ଟ ପୋତାଯାଇଛି । କିନ୍ତୁ ଉକ୍ତ ପ୍ରକଳ୍ପ କାର୍ଯ୍ୟ କିଭଳି ତୁରନ୍ତ ଆରମ୍ଭ ହେବ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଉନଥିବା ଅଭିଯୋଗ ହେଉଛି । ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ଭୋଟରଙ୍କୁ ଭୁଆଁ ବୁଲାଇବା ପାଇଁ କିଛି ଘୋଷଣା ହୋଇପାରେ । ସେହିଭଳି ରାଜ୍ୟର ଏକ ବଡ଼ ଉପଖଣ୍ଡ ଏହି ଅଞ୍ଚଳ ହୋଇଥିଲେ ମଧ୍ୟ ତାହାକୁ ଜିଲା ଘୋଷଣା କରାଯାଉନାହିଁ । ଭଞ୍ଜନଗର ରାଜସ୍ୱ ଉପଖଣ୍ଡ ଠାରୁ ବହୁ ଛୋଟ ଅଚଂଳ ଜିଲା ଘୋଷଣା ହୋଇଛି । କିନ୍ତୁ ଭଞ୍ଜନଗର ରାଜସ୍ୱ ଉପଖଣ୍ଡକୁ ଘୁମୁସର ଜିଲା ଘୋଷଣା କରାଯାଉନାହିଁ । ୧୯୯୩ରୁ ଅଞ୍ଚଳବାସୀ ଜିଲା ଘୋଷଣା ଦାବି ନେଇ ଆନ୍ଦୋଳନ ଚଳାଇଛନ୍ତି କିନ୍ତୁ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ । ଏନେଇ ପିସିସି ସମ୍ପାଦକ ସନ୍ତୋଷ ଦିଗାଲ କହିଛନ୍ତି ଯେ ରାଜ୍ୟର ବିଜେଡ଼ି ସରକାର ଏବଂ କେନ୍ଦ୍ରର ଭାଜପା ସରକାର ଘୁମୁସର ବିକାଶ ପ୍ରତି ଧ୍ୟାନ ଦେଉନାହାନ୍ତି । ତୁରନ୍ତ ଘୁମୁସର ଜିଲା ଘୋଷଣା ସହ ରେଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଉ । ନଚେତ ଆଗାମୀ ଦିନରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ଦିଗାଲ ଏଠାରେ ସୂଚନା ଦେଇଛନ୍ତି ।

## ନବନିର୍ମିତ କାଫେ ୱାଟର ପାର୍କ ଉଦ୍‌ଘାଟିତ

ଫିରିଙ୍ଗିଆ,୧୭।୮(ବିକ୍ରମ ଦିଗାଲ)

ଫିରିଙ୍ଗିଆ ବ୍ଲକ ରତଙ୍ଗଠାରେ ନୂତନ ଭାବରେ ନିର୍ମିତ ହୋଇଥିବା କାଫେ ୱାଟର ପାର୍କ ଉଦ୍‌ଘାଟିତ ହୋଇଛି । କନିଷ୍ଠ ଯନ୍ତ୍ରୀ ସୁମନ୍ତ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫିରିଙ୍ଗିଆ ବିଡିଓ ରଶ୍ମିରଞ୍ଜନ ମହନ୍ତ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସହକାରୀ ଯନ୍ତ୍ରୀ ଜୟପ୍ରକାଶ ଜେନାଙ୍କ ସହ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରକଳ୍ପ ଅଧିକାରୀ ସୁମନ୍ତ କୁମାର ଉଠାଣ ସିଂ, ସରପଞ୍ଚ ପାର୍ବତୀ ମଲ୍ଲିକ, ପୂର୍ବତନ ସରପଞ୍ଚ ରଜନୀକାନ୍ତ ମାଲିକ, ଗାଁ ମୁଖିଆ ବିମଳ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାଫେ ୱାଟର ପାର୍କ କନ୍ଧମାଳର ତତ୍କାଳୀନ ଜିଲ୍ଲାପାଳ ବୃନ୍ଦା ଡିଙ୍କ ଡ୍ରିମ ପ୍ରୋଜେକ୍ଟ ଥିଲା । ତାଙ୍କର ଅନ୍ୟତ୍ର ବଦଳି ପରେ ବର୍ତ୍ତମାନ ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ନିର୍ଦ୍ଦେଶ କ୍ରମେ ଗୋଷ୍ଠି ଉନ୍ନୟନ ଅଧିକାରୀ ରଶ୍ମିରଞ୍ଜନ ମହନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇପାରିଛି ।

## ହବାକ୍ ଉଚ୍ଚ ବିଦ୍ୟାଳୟରେ ସ୍ୱାଧୀନତା ଦିବସ

ଜି.ଉଦୟଗିରି,୧୭।୮(ଶିଶିର ପଟ୍ଟନାୟକ)

ସ୍ଥାନୀୟ ହବାକ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ ଠାରେ ୭୭ତମ ସ୍ୱାଧୀନତା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଜି.ଉଦୟଗିରି ଅତିରିକ୍ତ ଉପ ଜିଲାପାଳ ଆଶିଷ କୁମାର ତ୍ରିପାଠୀ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ବିଭିନ୍ନ ବିଦ୍ୟାଳୟରୁ ଛାତ୍ରୀଛାତ୍ର ପ୍ୟାରେଡରେ ଅଂଶଗ୍ରହଣ କରିଥିଲେ । ଏଥିରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଯୋଗୁ ହବାକ ହାଇସ୍କୁଲ ଏନ୍‌ସିସି ଦଳକୁ ପୁରସ୍କୃତ କରାଯାଇଥିଲା । ଚଳିତ ବର୍ଷ ବ୍ଲକ ସ୍ତରରେ କୃତୀ ଲାଭ କରିଥି ଛାତ୍ରୀଛାତ୍ରମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ତହସିଲଦାର ରଞ୍ଜନ କୁମାର ସାହୁ, ଥାନା ଭାରପ୍ରାପ୍ତ ଅଧିକାରୀ ଅଜୟ କୁମାର ସ୍ୱାଇଁଙ୍କ ସମେତ



ଅନେକ ପଦାଧିକାରୀ ଉପସ୍ଥିତ ଥିଲେ । ସେପରି ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟଠାରେ ପ୍ରତିଷ୍ଠତା ଶିଶିର ପଟ୍ଟନାୟକ, ପ୍ରେସ କ୍ଲବଠାରେ ବିଦ୍ୟାଧର ପାଳ ବ୍ୟବସାୟୀ ସଂଘ ତରଫରୁ ସଭାପତି ମନୋଜ କୁମାର ମହାପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସମସ୍ତ ଶିକ୍ଷା ଅନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା ।

## ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ

ଦାରିଙ୍ଗବାଡି, ୧୭।୮(ଅରୁଣ ସାହୁ )

ଦାରିଙ୍ଗବାଡି ଥାନା ତରବାଡ଼ିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ସଦସ୍ୟମାନେ ଗୁରୁବାର ମଦ ବିରୋଧୀ ଅଭିଯାନରେ ବାହାରିଥିଲେ । ଉକ୍ତ ଗ୍ରାମରେ ବେଆଇନ ଭାବେ ଦେଶୀମଦ ରାନ୍ଧି ଚୋରାରେ ବିକ୍ରି କରୁଥିବା ଲୋକଙ୍କ ଘରେ ଚଢ଼ାଉ କରି ବିପୁଳ ପରିମାଣର ମହୁଲ ପୋଚ ସହ ଦେଶୀ ମଦ ନଷ୍ଟ କରିଛନ୍ତି । ଏଥିସହ ମଦ ରାନ୍ଧିବା ପାଇଁ ବ୍ୟବହୃତ ହେଉଥିବା ସାମଗ୍ରୀକୁ ଜବତ କରିଛନ୍ତି । ଜବତ ସାମଗ୍ରୀକୁ ପୋଲିସ ଜିମା ଦେବାସହ ଯେଉଁମାନେ ଏଥିରେ ସମ୍ପୃକ୍ତ ରହିଛନ୍ତି ସେମାନଙ୍କ ନାଁରେ ଅଭିଯୋଗ କରିବୁ ବୋଲି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ କହିଛନ୍ତି । ଦୀର୍ଘ ଦିନ ଧରି ଉକ୍ତ ଅଞ୍ଚଳରେ ବେଆଇନ ଚୋରାମଦ କାରବାର ବୃଦ୍ଧି ପାଉଥିଲେ ସୁଦ୍ଧା ଅବକାରୀ ବିଭାଗ ଓ ପୋଲିସ


ମହିଳାମାନେ ମଦ ସାମଗ୍ରୀ ନଷ୍ଟ କରୁଛନ୍ତି ।

ଜାଣି ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ମହିଳାମାନେ ଅଭିଯୋଗ କରିଛନ୍ତି । ତେବେ ଚୋରା ମଦ କାରବାର ଓ ଏହାର ପ୍ରସ୍ତୁତକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଆନ୍ଦୋଳନକାରୀମାନେ ଦାବି କରିଛନ୍ତି, ନ ହେଲେ ଆସନ୍ତା ଦିନରେ ଦାରିଙ୍ଗବାଡିରେ ବଡ଼ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି ।

■ ବିପୁଳ ପରିମାଣର ଚୋରା ମଦ ସହ ପୋଚ ନଷ୍ଟ
■ ଏସ୍‌ଏଚ୍‌ଜିଙ୍କ ମଦ ବିରୋଧୀ ଅଭିଯାନ

ଖବର ଲେଖିବା ସୁଦ୍ଧା ତରବାଡ଼ିରେ ମଦ ବିରୋଧୀ ଅଭିଯାନ ଚାଲିବା ସହ ଚାପା ଉତ୍ତେଜନା ଲାଗି ରହିଛି ।

## ପ୍ରଧାନ ଶିକ୍ଷକଙ୍କୁ ଗୋଡ଼ାଇ ପିଟିବା ଘଟଣା ସୁଦ୍ରା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ବଦଳି

ବାଲିଗୁଡ଼ା,୧୭।୮(ସଞ୍ଜୟ କୁମାର ପାଣିଗ୍ରାହୀ):

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ସୁଦ୍ରା ଗ୍ରାମରେ ଥିବା ସରକାରୀ ଆଶ୍ରମ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ସାନ୍ତୁନୁ କୁମାର ପ୍ରଧାନ ଦୀର୍ଘ ୭ବର୍ଷ ହେଲା ସେଠାରେ କାର୍ଯ୍ୟ କରିଆସୁଛନ୍ତି । ବିଭିନ୍ନ ସମୟରେ ବିଦ୍ୟାଳୟରେ ଅନୁପସ୍ଥିତ ରହିବା, ପିଲାଙ୍କୁ ଠିକ ଭାବେ ପାଠ ନ ପଢ଼ାଇବା, ସିସିଏଙ୍କୁ ଖରାପ ନଜରରେ ଦେଖିବା ଓ ଚାଉଳ ବିକ୍ରି କରିବା ଭଳି ବିଭିନ୍ନ ସଙ୍ଗୀନ ଅଭିଯୋଗ ସହ ଓ ସେଠାରେ ବିଦ୍ୟାଳୟ ପରିଚାଳନା କମିଟି ସହ ବିବାଦ ଦେଖାଦେଇଥିଲା । ବହୁ ବାଦ ବିବାଦ ପରେ ଜିଲାପାଳ ହସ୍ତକ୍ଷେପ କରି ପ୍ରଧାନ ଶିକ୍ଷକ ସାନ୍ତୁନୁ ପ୍ରଧାନଙ୍କୁ କୋଟଗଡ ବ୍ଲକର ଓରା ପଞ୍ଚାୟତ ଡକା ଆଶ୍ରମ ବିଦ୍ୟାଳୟକୁ ବଦଳି କରିଛନ୍ତି । ହେଲେ ତାଙ୍କ ବିରୁଦ୍ଧରେ ଏତେ ଗୁଡ଼ାଏ ସଙ୍ଗୀନ ଅଭିଯୋଗ ଥିବା ବେଳେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଉଚିତ ଦଣ୍ଡ ଦେବା ପାଇଁ ସ୍ଥାନୀୟ ସରପଞ୍ଚ ସରୋଜିନୀ ମଲ୍ଲିକ ଦାବୀ କରିଛନ୍ତି ।

## ୧୮୫୪ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ଗୋପାଳପୁର,୧୭।୮(ନବୀନ ରାଜ ଆଚାରୀ)

ରଙ୍ଗେଇଲୁଣ୍ଡା ବ୍ଲକରେ ୩୨ ପଞ୍ଚାୟତରେ ବିଭିନ୍ନ ପ୍ରକାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ପରିସରରେ ଥିବା ସଦଭାବନା କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ, ମୁଖ୍ୟମନ୍ତ୍ରୀ ଓଏସଡ଼ି ଗୋପବନ୍ଧୁ ଦାଶ, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ବ୍ଲକ ଅଧ୍ୟକ୍ଷ ଚିନି ଉଷା ରାଣୀ, ଜିଲା ପରିଷଦ ଉପ ସଭାନେତ୍ରୀ ଏସ ରାଜେଶ୍ୱରୀ ଦୋରା, ବିଡ଼ିଓ ବିଶ୍ୱଜିତ ରାୟ,ଉପାଧ୍ୟକ୍ଷା ଅନିତା ମାହାଙ୍କୁଡ଼ ଓ ଅନ୍ୟମାନେ ଯୋଗ ଦେଇଥିଲେ । ବ୍ଲକ ଓଏସଡ଼ି ପ୍ରତାପ ଚନ୍ଦ୍ର ପଟ୍ଟନାୟକ ସଭା ଅଧ୍ୟକ୍ଷତା କରିଥିଲେ । ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ନବୀନ ସରକାର ଅନେକ ଯୋଜନା ରହିଛି ବୋଲି କୁହାଯାଇଥିଲା । ମଧୁବାବୁ ପେନସନ ଯୋଜନା ରେ ୩୨ ପଞ୍ଚାୟତର ବାର୍ଦ୍ଧକ୍ୟ, ବିଧବା ଓ ବିକଳାଙ୍ଗଙ୍କୁ ୧୮୫୪ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା । ପରବର୍ତୀ ସମୟରେ ବାଦ ପଡ଼ିଥିବା ହିତାଧିକାରୀଙ୍କୁ ଏହି ଯୋଜନା ସାମିଲ କରାଯିବ ବୋଲି ବିଡ଼ିଓ ରାୟ କହିଥିଲେ । ଏହି ଅବସରରେ ସାଂସଦ ପ୍ରତିନିଧି ଅଜିତ କୁମାର ଦାଶ, ୫୪ ନଂ ଜିଲା ପରିଷଦ ଦୀପକ କୁମାର ସାମନ୍ତ, ରାଜ୍ଯ ସମବାୟ ନିର୍ଦ୍ଦେଶିକା ବିଷ୍ଣୁପ୍ରିୟା ନାୟକ, ତପୋଇ ଦାସ, ସିଡ଼ିପିଓ ଜ୍ୟୋତ୍ସ୍ନା ପାଢ଼ୀ, ସହକାରୀ ଯନ୍ତ୍ରୀ ପଞ୍ଚାନନ ପ୍ରଧାନ, ସମୀର ପଟ୍ଟନାୟକ, ଭାରପ୍ରାପ୍ତ ଜିପିଓ ରୂପକ ରଞ୍ଜନ ସାମନ୍ତରାୟ, ସରପଞ୍ଚ ଦଣ୍ଡ ପାଣି ବେହେରା, ଅସନ୍ତୁଲୁ ରେଡି, ସମିତି ସଭ୍ଯ କେ ପ୍ରବୀଣ କୁମାର, ସନ୍ତୋଷ ବେହେରା, ଜୟସେନ ସାହୁ, ବିଭୁତି ଭୂଷଣ ଲେଙ୍କା, ଆଶିଷ ରାଉଳ, ବିନୋଦ ମାହାଙ୍କୁଡ଼, ଚିନି ନରେଶ, ଦିଲୀପ ଗୌଡ଼, ସନ୍ତୋଷ ପ୍ରଧାନ, ପ୍ରକାଶ ଚନ୍ଦ୍ର ସାମନ୍ତ, ପ୍ରକାଶ ସେଠି ଓ ଅନ୍ଯ ମାନେ ଉପସ୍ଥିତ ଥିଲେ ।

## 'ଜ୍ଞାନ ଆହରଣ ପାଇଁ ଧୈର୍ଯ୍ୟର ଆବଶ୍ୟକ'



ସ୍ୱନକ୍ଷତ୍ର ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ ।

ଶେରଗଡ, ୧୭।୮(ସୂର୍ଯ୍ୟନାରାୟଣ ଦାଶ):

ଶେରଗଡସ୍ଥିତ ଉଦୟ ପ୍ରତାପ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଭା ଗୃହରେ କଲେଜର ୪୦ତମ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ଅଶ୍ୱନୀ କୁମାର ମିଶ୍ର ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ଯୁଗ୍ମସଚିବ କୁଳମଣି ଓଝା ଯୋଗଦେଇ ପାଠ ପଢି ଭଲ ମଣିଷ ହୁଅ । ଭଲ ମଣିଷ ହେଲା ପରେ ଜ୍ଞାନ ଆହରଣ କରିବା, ନିଜର ଚେତନା ଶକ୍ତିକୁ ବିକଶିତ କରି ପାଠ ପଢାକୁ ପାଥେୟ କରି ଆଗେଇଲେ ନିଶ୍ଚିତ କୃତକାର୍ଯ୍ୟ ହେବ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ବିଡିଓ ଶିବାଶିଷ ବରାଳ ଯୋଗଦେଇ କହିଥିଲେ ନିଜକୁ ପରିବର୍ତ୍ତନ କର । ଶୃଙ୍ଖଳିତ ଜୀବନ ଆସିବା ପରେ ପାଠ ପଢ । ନିଜର ଧୈର୍ଯ୍ୟକୁ ନିୟନ୍ତ୍ରଣରେ ରଖି ଆଗକୁ ବଢ, ତେବେ ଯାଇ ଜ୍ଞାନ ଆପେ ଆପେ ଆସିବ ବୋଲି ମତପ୍ରକାଶ କରିଥିଲେ । ଜ୍ଞାନ ପାଇବାକୁ ହେଲେ ମାର୍କର ଆବଶ୍ୟକ ନଥାଏ ବରଂ ଜ୍ଞାନ ଆହରଣ କଲେ ଆପେ ଆପେ ମାର୍କ ଆସିଯାଏ ବୋଲି କହିଥିଲେ । ଅଧ୍ୟକ୍ଷ ଉପେନ୍ଦ୍ର କୁମାର ବାଡ଼ତ୍ୟା ସଭାପତିତ୍ୱ କରିଥିବା ବେଳେ ଅଧାପକ ଶିଶିରକାନ୍ତ ତ୍ରିପାଠୀ ଉପସ୍ଥିତ ଥିଲେ । ଅଧାପକ ହୃଷିକେଶ ପାତ୍ର, ସମୀର ପ୍ରଧାନ, ଲୋକନାଥ ପରିଡା, ପ୍ରସନ୍ନ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଯୁକ୍ତ ୨ ଟପ୍ପର ରଶ୍ମିତା ପଣ୍ଡା, ସୋନାଲୀ ଗୌଡ ଓ ସନାତନ ଗୌଡଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଭତ୍ତା ବାଣ୍ଟିଲେ ବିଧାୟିକା

କୋଦଳା,୧୭।୮ (ଅମିତ କୁମାର ପଟ୍ଟନାୟକ)

ବେଗୁନିଆପଡା ବ୍ଲକ ପରିସରରେ ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ହୋଇଯାଇଛି । ପ୍ରାୟ ୫୦୦ଜଣଙ୍କୁ ବିଧାୟିକା ଲତିକା ପ୍ରଧାନ ଭତ୍ତା ବଣ୍ଟନ କରିଥିଲେ । ବ୍ଲକ ଅଧ୍ୟକ୍ଷା ରେଣୁ ଗୌଡ଼, ବ୍ଲକ ଉନ୍ନୟନ ଅଧିକାରୀ ପ୍ରଜ୍ଞା ପ୍ରିୟଦର୍ଶନୀ, ଜିଲା ପରିଷଦ ସଦସ୍ୟ ମଧୁମିତା ସାହୁ, ଏବିଡ଼ିଓ ନିରଞ୍ଜନ ବେହେରା, ଉପାଧ୍ୟକ୍ଷ ସୁଧାକର ପ୍ରଧାନ ଜିପିଇଓ ଅଶୋକ କୁମାର ଜେନା ଏବଂ ସରପଞ୍ଚ ସମିତିସଭ୍ୟା ସଭ୍ୟ ବ୍ଲକ କର୍ମଚାରୀ ସମସ୍ତେ ଉପସ୍ଥିତ ଥିଲେ ।

## ଭତ୍ତା ପାଇଲେ ୧୭୪୭ ହିତାଧିକାରୀ


ବିଧାୟିକା ଭତ୍ତା ବଣ୍ଟନ କରୁଛନ୍ତି ।

ଆସିକା,୧୭।୮(ସୁରେନ୍ଦ୍ର ନାଥ ସାହୁ)

ମଧୁବାବୁ ପେନସନ ଯୋଜନାରେ ଆସିକା ବ୍ଲକ ଅନ୍ତର୍ଗତ ୨୭ଟି ପଞ୍ଚାୟତର ୧୭୪୭ ନୂଆଁ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗ ପେନସନ ପ୍ରଦାନ କରାଯାଇଛି । ଗତ ସୋମବାରଠାରୁ ପର୍ଯ୍ୟାୟ କ୍ରମେ ବିଭିନ୍ନ ପଞ୍ଚାୟତରେ ଏହି ଭାଉ ବଣ୍ଟନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଗୁରୁବାର ଭତ୍ତା ବଣ୍ଟନର ଅନ୍ତିମ ଦିବସରେ ବିଭିନ୍ନ ପଞ୍ଚାୟତର ୪୬୧ ହିତାଧିକାରୀଙ୍କୁ ଭାଉ ବଣ୍ଟନ କରାଯାଇଛି । ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲା ବେଳେ ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିନିଧି ଶିବ ନାହାକ, ବରିଷ୍ଠ ଯୁବ ନେତା ଭଗବାନ ସାହୁ, ବ୍ଲକ ଉପାଧ୍ୟକ୍ଷା ରେଶମା ଦୋରା ପ୍ରମୁଖ ସାମିଲ ଥିଲେ । ବିଭିନ୍ନ ପଞ୍ଚାୟତରେ ସରପଞ୍ଚ ଦୈତାରୀ ବେହେରା, ଶୈଳବାଳା ଦଳେଇ, ରଶ୍ମିତା ସ୍ୱାଇଁଷ ଦେବରାଜ ନାୟକ, ମନୋଜ କୁମାର ନାହାକ, ଅଶାନ୍ତି ବେହେରା, ଜୟସେନ ସ୍ୱାଇଁ ଉପସ୍ଥିତ ଥିଲେ ।

## ଶିକ୍ଷା ଉପରେ ଯୁବ ସଚେତନତା ଶିବିର ଉଦ୍‌ଯାପିତ

ଫୁଲବାଣୀ, ୧୭।୮(ରାକେଶ କୁମାର ରାଉତ)

ଶିକ୍ଷା ଓ ଏହାର ମୌଳିକତା ଉପରେ ଏକ ଦୁଇ ଦିନିଆ ଯୁବ ସଚେତନତା ଶିବିର ସ୍ୱାତୀ ସମ୍ବଳ କେନ୍ଦ୍ର ବନ୍ଧଗଡଠାରେ ଉଦ୍‌ଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରରେ ପ୍ରଶିକ୍ଷକ ମେହୁଲ ପାଞ୍ଚଲ ଯୋଗଦେଇ ଭାରତର ବିଭିନ୍ନ ଜାଗାରେ ଯୁବକ ମାନଙ୍କ ମଧ୍ୟରେ ପରିବର୍ତ୍ତନ ଆଣିବାରେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ । ସେହିପରି ଯୁବକଙ୍କ ମଧ୍ୟରେ ଆତ୍ମ ବିଶ୍ୱାସ ଓ ଲକ୍ଷ୍ୟକୁ ସୁଦୃଢ କରିବା ପାଇଁ ବିଭିନ୍ନ କୌଶଳ ଶିଖାଇ ଥିଲେ । ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟର ନୃତତ୍ତ୍ୱ ବିଭାଗ ସମେତ ବିଭିନ୍ନ ଗ୍ରାମରୁ ୪୦ ଜଣ ଯୁବକ ଓ ଯୁବତୀ



ଶିବିରରେ ଉପସ୍ଥିତ ଯୁବତୀ ଯୁବକ ।

ଶିବିରରେ ଅଂଶଗ୍ରହଣ କରିଥିଲେ । ଅତିଥି ଭାବେ ସୁବୋଧ ପଟ୍ଟନାୟକ, ଡା.ପ୍ରଣବ କୁମାର ମଣ୍ଡଳ, ମାନସି ହଳଦର, ଅଧ୍ୟାପକ ଡା.ସିବ ବଳିଆର ସିଂ, ଡା. ସୁନିଲ କୁମାର ଗୌଡ ଓ ସମ୍ବିତ କୁମାର ମହାପାତ୍ର ଯୋଗ ଦେଇଥିଲେ। ସ୍ୱାତୀ ସମ୍ପାଦକ ଇଂ ହରି ଶଙ୍କର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କର୍ମୀ ପ୍ରଦୀପ କୁମାର ସ୍ୱାଇଁ, ଶଶ୍ମିତା ବେହେରା, ପ୍ରଦୀପ ସାହୁ, ଆନିସ ପ୍ରଧାନ, ବିନୋଦ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଶ୍ରୁତି ଭ୍ରାମ୍ୟମାଣ ଶ୍ରବଣ ଯନ୍ତ୍ର ପରୀକ୍ଷା ୟୁନିଟ୍ ଉଦ୍‌ଘାଟିତ

### ଭଞ୍ଜନଗର,ବେଲଗୁଣ୍ଠା ବ୍ଲକ୍‌ବାସୀଙ୍କୁ ମାଗଣା ମିଳିବ

ଭଞ୍ଜନଗର,୧୭।୮(ବାବୁଲା ପ୍ରଧାନ):

ସ୍ୱାଧୀନତା ଦିବସ ଅବସରରେ ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ପରିସରରେ ଶ୍ରୁତି ଭ୍ରାମ୍ୟମାଣ ଶ୍ରବଣ ଯନ୍ତ୍ର ପରୀକ୍ଷା ୟୁନିଟ୍ ଭ୍ୟାନ ଉଦଘାଟିତ ହୋଇଛି । ଉକ୍ତ ଗାଡ଼ିଟି ଭଞ୍ଜନଗର ଓ ବେଲଗୁଣ୍ଠା ବ୍ଲକର ବିଭିନ୍ନ ଅଞ୍ଚଳ ବୁଲିବ । ଏହି ସମୟରେ ଲୋକଙ୍କ ଶ୍ରବଣ ଶକ୍ତି ପରୀକ୍ଷା କରାଯିବ । ଏହାପରେ ଆବଶ୍ୟକତା ଅନୁଯାୟୀ ସେମାନଙ୍କୁ ମାଗଣାରେ ଶ୍ରବଣ ଯନ୍ତ୍ର ଯୋଗାଇ ଦିଆଯିବ । ଉପଜିଲାପାଳ ଜ୍ୟୋତିଶଙ୍କର ରାୟ ମୁଖ୍ୟ ଅତିଥି ଏବଂ କଲେଜ ପରିଚାଳନା କମିଟି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପତାକା ହଲାଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସ୍ନେହା ଫାଉଣ୍ଡେଶନର ଫାଉଣ୍ଡର ଡ଼.ତାପ୍ତି ପଣ୍ଡା,ଆଇନାର ପ୍ରତିଷ୍ଠାତା


ଅତିଥିମାନେ ଭ୍ରାମ୍ୟମାଣ ଶ୍ରବଣ ଯନ୍ତ୍ର ୟୁନିଟ୍‌କୁ ଉଦ୍‌ଘାଟନ କରୁଛନ୍ତି ।

ସଭ୍ୟ ଜୟଶଙ୍କର ପଣ୍ଡା, ପ୍ରଦ୍ୟୁମ୍ନ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ । ସ୍ନେହା ଫାଉଣ୍ଡେସନ ସହଯୋଗରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଇନା ଏବଂ ସମ୍ଭବ ପକ୍ଷରୁ ମିଳିତ ଭାବେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଏହି ଅବସରରେ ସେଠାରେ ଆୟୋଜିତ ସଭାରେ ଆଇନା ସମ୍ପାଦିକା ସ୍ନେହା ମିଶ୍ର ଅଧ୍ୟକ୍ଷତା କରି ଯୋଜନା ସମ୍ପର୍କରେ କହିଥିଲେ । ଆଇନା ନିର୍ଦ୍ଦେଶକ ଦିଲୀପ କୁମାର ବିଶ୍ୱାଳ ସଭା ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରାୟ, ମେଡିକାଲ ଅଧୀକ୍ଷକ ଡ଼.ସିତାଂଶୁ ସତପଥି, କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର ଦାସ, ବିଇଓ ଏସ୍ ଧନଞ୍ଜୟ, ସିଡ଼ିପିଓ ବିଷ୍ଣୁପ୍ରିୟା ସେଠୀ, ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଳପାଣି ଶତପଥି, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୌରୀଶଙ୍କର ଶତପଥି, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଗୋବିନ୍ଦ ରାଓ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରକଳ୍ପ ସଂଯୋଜକ କରୁଣାକର ପାଢ଼ୀ, ବ୍ଲକ ସଂଯୋଜକ ଟୁକୁନା ଖଟେଇ, ବିଶ୍ୱନାଥ ଗୌଡ଼ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

